RNI No.ODIODI/2010/33031
୧୭ ବର୍ଷ Volume-17
ISSUE -223 ସଂଖ୍ୟା-୨୨୩
ଭୁବନେଶ୍ୱର, ଶନିବାର ୨୧ ନଭେମ୍ବର ୨୦୨୬
Bhubaneswar, Saturday 21 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ସ୍ଥଳ ଭାଗ ଛୁଇଁବା ପରେ 'ଅକଖ୍ୱାନ' ଦୁର୍ବଳ

ଭୁବନେଶ୍ୱର, ୨୦।୧୧(ନି.ପ୍ର.): ଗୋପାଳପୁର ନିକଟରୁ ସ୍ଥଳ ଭାଗ ଅତିକ୍ରମ କଲା ବାତ୍ୟା 'ଅକଖ୍ୱାନ'। ଘଣ୍ଟା ପ୍ରତି ୭୦ ରୁ ୮୦ କିମି ବେଗରେ ପବନ ହେଉଛି। ଝଟକା ପବନର ବେଗ ଘଣ୍ଟାପ୍ରତି ୯୦ କିମି ରହିଛି। ପରେ ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ସନ୍ଧ୍ୟା ସୁଦ୍ଧା ଗଭୀର ଅବପାତଟି ଅବପାତରେ ଓ ରାତି ସୁଦ୍ଧା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁଯାୟୀ ବାତ୍ୟାର କେନ୍ଦ୍ରସ୍ଥଳ ଉପକୂଳ ଅତିକ୍ରମ କରିସାରିଲାଣି। ତେବେ ଏହାର ପଛ ଭାଗ ଏବେ ବି ସମୁଦ୍ର ଉପରେ ରହିଛି। ପୂରା ସ୍ଥଳଭାଗ ଅତିକ୍ରମ କରିବାକୁ ଆଉ ୨ ଘଣ୍ଟା ଲାଗିପାରେ।

ଏହି ବାତ୍ୟା ଆଜି ସନ୍ଧ୍ୟା ସୁଦ୍ଧା ଅବପାତର ରୂପ ନେବାର ସମ୍ଭାବନା ରହିଛି। ତା'ପରେ ମଧ୍ୟରାତ୍ରରେ ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି।

ବାତ୍ୟା 'ଅକଖ୍ୱାନ' ପ୍ରଭାବରେ ଗତ ୨୪ ଘଣ୍ଟାରେ ଗଞ୍ଜାମର ପାତ୍ରପୁରରେ ସର୍ବାଧିକ ୨୦୯ ମିମି ବର୍ଷା ହୋଇଥିବା ବେଳେ ହିଞ୍ଜିଳିକାଟୁରେ ୨୦୬, ଚିକିଟିରେ ୧୯୯, ଗୋପାଳପୁରରେ ୧୮୯, ପୁରୁଷୋତ୍ତମପୁରରେ ୧୭୫, କୁକୁଡ଼ାଖଣ୍ଡିରେ ୧୬୩, ଛତ୍ରପୁର ୧୩୯, ଭଞ୍ଜନଗରରେ ୧୩୩ ଓ ଦିଗପହଣ୍ଡିରେ ୧୩୨ ତିମି ରେକର୍ଡ କରାଯାଇଛି। ବାତ୍ୟା ସ୍ଥଳ ଭାଗ ଛୁଇଁ ସାରିଥିବା ବେଳେ ଓ ଏବେ ବିଭିନ୍ନ ସ୍ଥାନରେ ବର୍ଷା ହେଉଥିବା ବେଳେ 'ବନ୍ୟା' ସ୍ଥିତି ଉପୁଜିବ ନା ନାହିଁ, ସେହି ପ୍ରଶ୍ନ ଉଠିଛି। କାରଣ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ବନ୍ୟା ହୋଇଥିଲା, ଯାହା ଗଞ୍ଜାମ ଜିଲ୍ଲାକୁ ବିପୁଳ କ୍ଷତି ପହଞ୍ଚାଇଥିଲା।

ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଗତଥର ଭଳି ଏଥର ବଡ଼ ବନ୍ୟା ହେବନି। ପାତ୍ରପୁରରେ ସର୍ବାଧିକ ୨୦୯ ମିମି ବର୍ଷା ହୋଇଛି। ଗଞ୍ଜାମ ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ କେଉଁଠି



ଅଧିକ ବର୍ଷା ହୋଇନି। ଗଞ୍ଜାମରେ ବର୍ଷା ଯୋଗୁଁ ଋଷିକୂଲ୍ୟା ଓ ବାହୁଦା ଜଳସ୍ତର ବଢ଼ିଛି। ଜଳସ୍ତର ବୃଦ୍ଧି ପାଇଥିଲେ ବି ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ସବୁ ପାଣି ସୁରକ୍ଷିତ ଭାବେ ଅତିକ୍ରମ କରିବ ବୋଲି ଆଶା ରହିଛି। ତେଣୁ ଗତଥର ଭଳି ବଡ଼ ବନ୍ୟା ସୃଷ୍ଟି ହେବନି ବୋଲି ଆକଳନ କରାଯାଇଛି।

ତହରେ ୪୪% ପାଣି ଥିବା ବେଳେ ବାଘୁଆରେ ୭୦%, ଘୋଡ଼ାହାଡ଼ରେ ୫୮%, ବାଘଲଟିରେ ୬୦% ଓ ହରଭଙ୍ଗୀରେ ୫୪% ପାଣି ଅଛି। ଜଳପ୍ରବାହ ଉପରେ ନଜର ରଖିଛୁ। ପ୍ରାୟତଃ ଗେଟ୍ ଖୋଲିବାକୁ ପଡ଼ିବନି। ଆଜିର ବର୍ଷା ଉପରେ ପରବର୍ତ୍ତୀ ପଦକ୍ଷେପ ନିର୍ଭର କରୁଛି। କାଲି ପର୍ଯ୍ୟନ୍ତ ଅରେଞ୍ଜ ଆଲର୍ଟରେ ଥିବାରୁ ଅଧିକ ବନ୍ୟା ହେବନି ବୋଲି ଆଶା ଥିବା ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି।

ବାତ୍ୟା 'ଅକଖ୍ୱାନ' ପ୍ରଭାବରେ ଗତ ୨୪ ଘଣ୍ଟାରେ ଗଞ୍ଜାମର ପାତ୍ରପୁରରେ ସର୍ବାଧିକ ୨୦୯ କିମି ବର୍ଷା ହୋଇଥିବା ବେଳେ ହିଞ୍ଜିଳିକାଟୁରେ ୨୦୬, ବ୍ରହ୍ମପୁରରେ ୨୦୦, ଚିକିଟିରେ ୧୯୮, ଗୋପାଳପୁରରେ ୧୮୯.୬, କୁକୁଡ଼ାଖଣ୍ଡିରେ ୧୬୩.୬, ପୁରୁଷୋତ୍ତମପୁରରେ ୧୫୧.୪, ଛତ୍ରପୁର ୧୩୯.୨, ଦିଗପହଣ୍ଡିରେ ୧୩୨, ପୋଲସରାରେ ୧୨୧.୫ ଓ କୋଦାଲରେ ୧୧୨.୪ ମିମି ରେକର୍ଡ କରାଯାଇଛି। ସେହିପରି ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ୧୧୯.୨ ମିମି ବର୍ଷା ରେକର୍ଡ କରାଯାଇଛି।

ପୋଲସରାରେ ତୁମ୍ବେଶ୍ୱର ପୀଠ ନିକଟରେ ଭାଙ୍ଗିଯାଇଛି ବାଘୁଆ କେନାଲ ହିଡ଼। ଫଳରେ ଚିରିକିପଡ଼ା ଶାସନର ଚାଷ ଜମିରେ ପଶିଯାଇଛି କେନାଲ ପାଣି।

ଆସନ୍ତାକାଲି ସକାଳ ସାଢେ ୮ଟା ପର୍ଯ୍ୟନ୍ତ ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଗଜପତି, ରାୟଗଡ଼ା, କନ୍ଧମାଳ, ବଲାଙ୍ଗିର, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରେସ୍‌ମିଟ୍‌ରେ କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ୨୪ ଘଣ୍ଟା ପରେ ସ୍ଥିତି ସ୍ୱାଭାବିକ ହେବ। କୌଣସି ସ୍ଥାନରେ ସ୍ଥିତି ଗମ୍ଭୀର ହୋଇନି। କିଛି କିଛି ସ୍ଥାନରୁ ଭୂସ୍ଖଳନ ରିପୋର୍ଟ ଆସିଛି। ଅଗ୍ନିଶମ, ଘଉଜର, ଓଡ୍ରାଫ ଟିମ୍ ତୁରନ୍ତ ସମସ୍ୟା ଦୂର କରିଛନ୍ତି। ୧୫/ ୨୦ ସ୍ଥାନରେ ଗଛ, ଡାଳ ପଡ଼ିଥିଲା। କିନ୍ତୁ ସେଗୁଡ଼ିକୁ ତୁରନ୍ତ ହଟାଯାଇଛି। ବାତ୍ୟା ପାଇଁ ୨୫ଟି ବ୍ଲକ/ପୌରାଞ୍ଚଳ ଚିହ୍ନଟ କରିଥିଲୁ। ୨୦ ଜିଲ୍ଲାର ୬୨୦୧ଟି ସ୍ଥାନ ସବୁଠୁ ଅଧିକ ପ୍ରଭାବିତ ହେବ ବୋଲି ଚିହ୍ନଟ କରିଥିଲୁ। ସ୍ଥିତି ଗମ୍ଭୀର ହେଲା ଭଳି କୌଣସି ରିପୋର୍ଟ ହସ୍ତଗତ ହୋଇନି। ବାତ୍ୟା ପରେ କ୍ଷୟକ୍ଷତିର ଆକଳନ ହେବ। ଅର୍ଣ୍ଣବ ଭଳି ସମାନ ଆଧାରରେ କ୍ଷତିପୂରଣ ଦିଆଯିବ।

୨୪ ଓ ୨୫ରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨୦।୧୧(ନି.ପ୍ର.): ଓଡ଼ିଶା ଆସୁଛନ୍ତି ଭାରତର ମହାମହିମ ରାଷ୍ଟ୍ରପତି। ନଭେମ୍ବର ୨୪ ଓ ୨୫ ତାରିଖରେ ଭୁବନେଶ୍ୱର ଏବଂ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି। ଏହି ଗସ୍ତକୁ ଦୃଷ୍ଟିରେ ରଖି ଟ୍ୱିନ୍‌ସିଟିରେ ଟ୍ରାଫିକ୍ କଟକଣା ଜାରି କରିଛି ଭୁବନେଶ୍ୱର-କଟକ ପୋଲିସ କମିଶନରେଟ୍।

ଭିଆଇପି ଓ ଭିଭିଆଇପିଙ୍କ ସୁରକ୍ଷା ସହ ଯାତାୟାତକୁ ସୁବ୍ୟବସ୍ଥିତ କରିବା ପାଇଁ ଦୁଇ ଦିନ ଧରି ବିଭିନ୍ନ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିବ। ତେଣୁ ଘରୁ ବାହାରିବା ପୂର୍ବରୁ ଜାଣି ରଖନ୍ତୁ କେଉଁ ରାସ୍ତା କେତେବେଳେ ବନ୍ଦ ରହିବ। ଗଡ଼ଗଡ଼ିଆ ମନ୍ଦିର ଛକରୁ ସିଲଭର ସିଟି ବୋଟ୍ କ୍ଲବ୍, ମାତାମଠ, ଜୋତ୍ରା ଆନିକଟ ଓ କାଳିଆବୋଦା ଛକ ଦେଇ ଶିଖରପୁର ଛକ, ଓଏମ୍‌ପି ଓ ଲିଙ୍କ୍ ରୋଡ୍ ଫ୍ଲାଏଓଭର ଦେଇ ରାସ୍ତା ବନ୍ଦ ରହିବ। ଏହାପରେ ବାଲିକୁଦା, ତେଲେଙ୍ଗାପେଣ୍ଡ, ପ୍ରତାପନଗରୀ, ଫୁଲନଖରା, ପାହାଳ, ରସୁଲଗଡ଼ ଫ୍ଲାଏଓଭର ଓ ଜୟଦେବ ବିହାର ଦେଇ ବେହେରା ସାହି, ଶାନ୍ତୀନଗର, ୧୨୦ ବାଟାଲିୟନ ଓ ପାୱାର ହାଉସ୍ ଛକ ଦେଇ ଲୋକଭବନ ଛକ ପର୍ଯ୍ୟନ୍ତ କଟକଣା ରହିବ।ଲୋକଭବନ ଛକରୁ ଏଜି ଛକ, ପିଏମ୍‌ଜି ଛକ, ରବୀନ୍ଦ୍ର ମଣ୍ଡପ ଛକ ଓ କେଶରୀ ଟକିଜ୍ ଲେନ୍ ଦେଇ ଡାକ୍ତର ଅଭିନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତା ବନ୍ଦ ରହିବ।ଡାକ୍ତର ଅଭିନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜରୁ କେଶରୀ ଟକିଜ୍ ଲେନ୍, ରବୀନ୍ଦ୍ର ମଣ୍ଡପ ଛକ, ପିଏମ୍‌ଜି ଛକ, ଏଜି ଛକ ଓ ହସ୍ପିଟାଲ ଛକ ଦେଇ ଏୟାରପୋର୍ଟ ଛକ ପର୍ଯ୍ୟନ୍ତ ରାସ୍ତା ବନ୍ଦ ରହିବ।କମିଶନରେଟ୍ ପୋଲିସ ପକ୍ଷରୁ ଟ୍ୱିନ୍‌ସିଟିର ଜନସାଧାରଣ ଓ ଗାଡ଼ି ଚାଳକଙ୍କୁ କିଛି ପରାମର୍ଶ ଦିଆଯାଇଛି।

ପ୍ରଥମ ଥର ପାଇଁ ଭାରତ ଆସୁଛନ୍ତି ନେପାଳ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ୨୦।୧୧(ନି.ପ୍ର.): ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ଭାରତ ଗସ୍ତରେ ଆସିବେ । ୨୭ ମାର୍ଚ୍ଚ, ୨୦୨୬ରେ ବାଲେନ୍ଦ୍ର ଶାହ ନେପାଳର ପ୍ରଧାନମନ୍ତ୍ରୀ ହେବା ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ କାର୍ଯ୍ୟକ୍ରମ । ୨୨ ନଭେମ୍ବରରେ ବାଲେନ ଶାହ ଦୁଇ ଦିନିଆ ଗସ୍ତରେ ଆସୁଛନ୍ତି । ଏହି ଗସ୍ତରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜବୁତ ହେବାର ଆଶଙ୍କା କରାଯାଉଛି । ନେପାଳ ବୈଦେଶିକ ମନ୍ତ୍ରାଳୟ ସଚିବ ଅମୃତ ବାହାଦୂର ରାୟ ଙ୍କ ସୂଚନା ଆଧାରରେ, ବାଲେନ ଶାହ ତାଙ୍କର ୩୪ ଜଣିଆ ମନ୍ତ୍ରୀମଣ୍ଡଳ ସହିତ ଭାରତ ଆସିବେ । ସେ ଏଥିରେ ନେପାଳ ଅର୍ଥ ମନ୍ତ୍ରୀ ସ୍ୱର୍ଣ୍ଣ ବାଗଲେ ଓ ବୈଦେଶିକ ମନ୍ତ୍ରୀ ଶିଶିର ଖନାଲ ମଧ୍ୟ ରହିବେ ।

ମଙ୍ଗଳସୂତ୍ର ବନ୍ଧା ପକାଇ ସ୍ୱାମୀଙ୍କୁ ହତ୍ୟା

ସୋନପୁର, ୨୦।୧୧(ନି.ପ୍ର.): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା ଘଟଣାର ପର୍‌ଦ୍ଦାଫାସ ହୋଇଛି। ପୁଲିସ ମୃତକଙ୍କ ପତ୍ନୀଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ପରକୀୟା ପ୍ରୀତିକୁ ନେଇ ଘଟିଛି ଏହି ହତ୍ୟାକାଣ୍ଡ। ପ୍ରେମିକ ଓ ଅନ୍ୟ ଜଣେ ଯୁବକଙ୍କୁ ଲଗାଇ ସ୍ୱାମୀଙ୍କୁ ରାସ୍ତାରୁ ହଟାଇଛନ୍ତି ସ୍ତ୍ରୀ। ଏମିତିକି ସ୍ୱାମୀଙ୍କୁ ମାରିବା ପାଇଁ ନିଜ ମଙ୍ଗଳସୂତ୍ରକୁ ଜଣେ ବଣିଆଙ୍କ ନିକଟରେ ୪୫ ହଜାର ଟଙ୍କାରେ ବନ୍ଧକ ପକାଇଥିଲେ ସ୍ତ୍ରୀ।



ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ସୁବର୍ଣ୍ଣପୁର ଏସ୍‌ପି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ମୃତ ସୁଦାମ ନାଗଙ୍କ ପତ୍ନୀ କବିତା ନାଗ (୩୪), ତାଙ୍କ ପ୍ରେମିକ ତ୍ରିଲୋଚନ ଓରଫ ଟିଙ୍କୁ ଓରଫ୍ ଟିକେଚାନ୍ଦ ବାଗ (୩୪) ଓ ଦୀର୍ଘ ଦିନର ବନ୍ଧୁ ଯୁବରାଜ ସାହୁ (୪୨) । ଯୁବରାଜଙ୍କ ଘର ବ୍ରାହ୍ମଣୀପାଲି ଗାଁରେ। ଟିକେଚାନ୍ଦ ବାଗଙ୍କ ଘର ସୁବର୍ଣ୍ଣପୁର ଜିଲ୍ଲା କପାସିରା ଗାଁରେ। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ, ଚାରିଟି ଖାଲି ଗୁଳି ଖୋକା, ଦୁଇଟି ବାଇକ୍, ୫ଟି ମୋବାଇଲ ଫୋନ୍ ଓ ନଗଦ ୧୪୬୦ ଟଙ୍କା ଜବତ କରାଯାଇଛି। ଘଟଣାଟି ଘଟିଥିଲା ଅକ୍ଟୋବର ୧୭ ତାରିଖ ସନ୍ଧ୍ୟା ସାଢେ ୭ଟାରୁ ୮ଟା ଭିତରେ। ଡୁଙ୍ଗୁରିପାଲି ଥାନା ସାଲେପାଲି-ଆଇଁଲାସାରୀ ରାସ୍ତାରେ ବ୍ରାହ୍ମଣୀପାଲି ଗାଁର ଯୁବକ ସୁଦାମ ନାଗଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ତାଙ୍କ ଉପରକୁ ୪ ରାଉଣ୍ଡ ଗୁଳି କରାଯାଇଥିଲା।

ଏହି ଘଟଣା ନେଇ ସେହି ଦିନ ହିଁ ସୁଦାମଙ୍କ ପତ୍ନୀ କବିତା ନାଗ ଡୁଙ୍ଗୁରିପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜଣେ ଅଜଣା ବ୍ୟକ୍ତି ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ସେ ତାଙ୍କ ଏତଲାରେ ଉଲ୍ଲେଖ କରିଥିଲେ।ଘଟଣାର ତଦନ୍ତ ବେଳେ ସାକ୍ଷୀମାନଙ୍କ ବୟାନ, ବୈଷୟିକ ତଥ୍ୟର ବିଶ୍ଳେଷଣ ଏବଂ ନିର୍ଭରଯୋଗ୍ୟ ଗୁଇନ୍ଦା ସୂଚନା ଆଧାରରେ ଅଭିଯୁକ୍ତ ତ୍ରିଲୋଚନ ଓରଫ୍ ଟିଙ୍କୁ ଓରଫ୍ ଟିକେଚାନ୍ଦ ବାଗଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ଏହାପରେ ପୁଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା ।

ଆସନ୍ତା ସୋମବାର ଯାଏଁ ଗୃହ ମୁଲତବୀ

ଭୁବନେଶ୍ୱର: ୨୦।୧୧(ନି.ପ୍ର.): ଆସନ୍ତା ସୋମବାର ଯାଏ ବିଧାନସଭା ମୁଲତବୀ ରହିଛି । ବାତ୍ୟା ଅକ୍ଖାନ ପାଇଁ ଶନିବାର ହେବାକୁ ଥିବା ଗୃହ କାର୍ଯ୍ୟକୁ ବାତିଲ କରାଯାଇଛି । ପରଦିନ ରବିବାର ପଡୁଥିବାରୁ ସିଧାସଳଖ ସୋମବାରଠାରୁ ଗୃହକାର୍ଯ୍ୟ ଆରମ୍ଭ ହେବ । ଏ ନେଇ ଗତକାଲି ବସିଥିବା ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ହୋଇଛି । ଉଲ୍ଲେଖ ଯୋଗ୍ୟ, ଆଜି ମଧ୍ୟ ଗୃହରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା । ପ୍ରଶ୍ନକାଳ ଆରମ୍ଭରୁ ବିରୋଧୀ ବିଜେଡ଼ି ଓ କଂଗ୍ରେସ ସଦସ୍ୟମାନେ ନାରାବାଜି ଆରମ୍ଭ କରିଦେଇଥିଲେ । ଗଞ୍ଜାମ ବନ୍ୟା ଓ କୋଟିଆ ପ୍ରସଙ୍ଗରେ ସରକାରଙ୍କୁ ଘେରିଥିଲେ । ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟ ଭାଗକୁ ଚାଲିଆସି ବାଚସ୍ପତିଙ୍କ ପୋଡ଼ିୟମ ନିକଟରେ ହଙ୍ଗାମା କରିଥିଲେ । ବାଚସ୍ପତିଙ୍କ ଅନୁରୋଧ ସତ୍ତ୍ୱେ ବିରୋଧୀ ଶାନ୍ତି ବଜାୟ ନ ରଖିବାରୁ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

ଆଶ୍ୱସ୍ତ କଲା ଜଳସମ୍ପଦ ବିଭାଗ, ଗଞ୍ଜାମରେ ସର୍ବାଧିକ ବର୍ଷା ରେକର୍ଡ

ଭୁବନେଶ୍ୱର: ୨୦।୧୧(ନି.ପ୍ର.): ବାତ୍ୟା 'ଅକଖ୍ୱାନ' ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଥିଲେ ମଧ୍ୟ ତୁରନ୍ତ ବନ୍ୟା ଆଶଙ୍କା ନାହିଁ। ରାଜ୍ୟର କୌଣସି ଅଞ୍ଚଳରେ ବର୍ତ୍ତମାନ ବନ୍ୟା ସ୍ଥିତି ନାହିଁ। ଆଗାମୀ କିଛି ଦିନ ମଧ୍ୟରେ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କ ?ତ ଅତିକ୍ରମ କରିବାର ସମ୍ଭାବନା ମଧ୍ୟ କମ୍ ରହିଛି। ଏଭଳି ଆଶ୍ୱସ୍ତିକର ସୂଚନା ଦେଇଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ।

ବାତ୍ୟା 'ଅକଖ୍ୱାନ' ପ୍ରଭାବରେ ରାଜ୍ୟର ଅନେକ ଅଞ୍ଚଳରେ ବର୍ଷା ହୋଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୧୯ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ପୁରୀରେ ୬୧ ମିଲିମିଟର ବର୍ଷା ହୋଇଛି। ଏହାବ୍ୟତୀତ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି।

ବର୍ଷା ପରେ ଋଷିକୁଲ୍ୟା ନଦୀର ଜଳସ୍ତର ବୃଦ୍ଧି ପାଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଜଳସ୍ତର ଆହୁରି ବଢ଼ିପାରେ। ତେବେ ଏହା ବିପଦ ସଙ୍କ ?ତ ଅତିକ୍ରମ କରିବାର ଆଶଙ୍କା ନାହିଁ ବୋଲି ଦିଲୀପ ରାଉତ କହିଛନ୍ତି।

ବାତ୍ୟା ଆସିବା ପୂର୍ବରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିଭିନ୍ନ ଡ୍ୟାମ୍ ?ରୁ ପ୍ରାୟ ୫୦ ପ୍ରତିଶତ ଜଳ ଛଡ଼ାଯାଇଥିଲା। ବର୍ତ୍ତମାନ ସମସ୍ତ ଡ୍ୟାମ୍ ବନ୍ଦ ରହିଛି ଏବଂ କୌଣସି ଜଳଭଣ୍ଡାରରୁ ପାଣି ଛଡ଼ାଯାଉନାହିଁ। ବର୍ତ୍ତମାନ ବର୍ଷାଜଳକୁ ସଂରକ୍ଷଣ କରାଯାଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।ରାଜ୍ୟର ନଦୀଗୁଡ଼ିକରେ ବନ୍ୟା ଆଶଙ୍କା କମ୍ ରହିବାର ଆଉ ଏକ କାରଣ ହେଉଛି ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇନାହିଁ। ଦିଲୀପ ରାଉତଙ୍କ କହିବା ଅନୁସାରେ, ଝାଡ଼ଖଣ୍ଡରେ ବର୍ଷା ହେଲେ ମଧ୍ୟ ସେଠାରୁ ଜଳ ପ୍ରବାହ ଓଡ଼ିଶାରେ ପହଞ୍ଚିବାକୁ ପ୍ରାୟ ୩ ଦିନ ସମୟ ଲାଗିବ। ତେଣୁ ଏହି ସମୟ ମଧ୍ୟରେ ବିଭାଗ ପରିସ୍ଥିତି ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ନେଇପାରିବ।

ଉତ୍କଳ ବିଶ୍ୱବିଦ୍ୟାଳୟରେ କର୍ମଚାରୀ ସଙ୍କଟ

୨୪୪ ପ୍ରଫେସର ପଦରୁ ୧୪୧ ଖାଲି, ୯୨୬ ଅଣଶିକ୍ଷକ ପଦରୁ ୬୯୮ ଖାଲି, ଗୃହରେ ତଥ୍ୟ ରଖିଲେ ମନ୍ତ୍ରୀ

ଭୁବନେଶ୍ୱର ୨୦।୧୧(ନି.ପ୍ର.): ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟରେ ଦେଖାଦେଇଛି ବଡ଼ କର୍ମଚାରୀ ସଙ୍କଟ। ବିଶ୍ୱବିଦ୍ୟାଳୟରେ ପ୍ରଫେସରଙ୍କଠାରୁ ଆରମ୍ଭ କରି ଅଣଶିକ୍ଷକ କର୍ମଚାରୀ ପର୍ଯ୍ୟନ୍ତ ବହୁ ପଦ ଖାଲି ପଡ଼ିଛି। ମୋଟ ୨୪୪ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦ ମଧ୍ୟରୁ ୧୪୧ଟି ଖାଲି ରହିଥିବା ବେଳେ ୯୨୬ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦ ମଧ୍ୟରୁ ୬୯୮ଟି ଖାଲି ପଡ଼ିଛି। ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହି ତଥ୍ୟ ଦେଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପ୍ରଫେସର ଓ କର୍ମଚାରୀ ପଦବୀ ପୂରଣ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି, ସେନେଇ ବିଧାୟକ ପ୍ରଶ୍ନ କରିଥିଲେ।ମନ୍ତ୍ରୀଙ୍କ ଉତ୍ତର ଅନୁସାରେ, ଉତ୍କଳ ବିଶ୍ୱବିଦ୍ୟାଳୟରେ ମୋଟ ୨୪୪ଟି ପ୍ରଫେସର ପଦ ମଞ୍ଜୁର ହୋଇଛି। ସେଥିମଧ୍ୟରୁ ୧୪୧ଟି ପଦ ଖାଲି ରହିଛି। ଅର୍ଥାତ୍ ପ୍ରାୟ ୫୮ ପ୍ରତିଶତ ପ୍ରଫେସର ପଦରେ ନିଯୁକ୍ତି ହୋଇନାହିଁ। ତେବେ ପାଠପଢ଼ା ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ଖାଲି ଥିବା ପ୍ରଫେସର ପଦରେ ପର୍ଯ୍ୟାପ୍ତ ସଂଖ୍ୟକ ଅଧ୍ୟାପକଙ୍କୁ ନିୟୋଜିତ କରାଯାଇଥିବା ମନ୍ତ୍ରୀ କହିଛନ୍ତି।



କେବଳ ଶିକ୍ଷକ ନୁହନ୍ତି, ଅ



ଜରି ପାଲ ତଳେ ରହୁଥିବା ବୃଦ୍ଧ ଦମ୍ପତିଙ୍କୁ ଉଦ୍ଧାର କଲେ ଥାନା ଅଧିକାରୀ

ବଳଙ୍ଗା,୨୦।୧୧ :(ମନ୍ଟୁନ)ବଳଙ୍ଗା ପୋଲିସ ପକ୍ଷରୁ ବଳଙ୍ଗା ଥାନା ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବାତ୍ୟା ଅକଓ୍ୱାନ ପାଇଁ ଖୋଲା ଯାଇଥିବା ଅସ୍ଥାୟୀ ଆଶ୍ରୟ ସ୍ଥଳୀରେ ରହୁଥିବା ଲୋକଙ୍କୁ ବଳଙ୍ଗା ପୋଲିସ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁ ଶୁକ୍ରବାର ଦିନ ବଳଙ୍ଗା, ବାୟାବର, ଶମ୍ଭୁ ଭାରତୀ ପାଟଣା, ବଳଙ୍ଗା କଲେଜ, ରୁପଦେଇପୁର , ରଥ ପୁରୁସ୍ୱତମ ପୁର ପ୍ରଭୃତୀ ସ୍ଥାନରେ ଆଶ୍ରୟ ସ୍ଥଳୀରେ ରହୁଥିବା ଲୋକ ମାନଙ୍କୁ ବିସ୍କୁଟ, ଚୁଡ଼ା ଭଜା, ପାଣି ବୋତଲ ବାଣ୍ଟିଥିଲେ। ଗୁରୁବାର ଦିନ ଓ ରାତି ତମାମ ଆଇ ଆଇ ସି ସସ୍ମିତା ସାହୁଙ୍କ ନେତୃତ୍ୱରେ ସମସ୍ତ ଆଶ୍ରୟ ସ୍ଥଳୀକୁ ପେଟ୍ରୋଲିଂ କରାଯାଇ ରହୁଥିବା



ଲୋକଙ୍କ ସୁରକ୍ଷା ପ୍ରତି କଡ଼ା ନଜର ରଖାଯାଇଥିଲା । ଅପରାହ୍ନରେ ଆଇ. ଆଇ .ସି ସସ୍ମିତା ସାହୁ ନିଜେ ସରସ୍ୱତିପୁର ପଞ୍ଚାୟତର ସରସ୍ୱତୀପୁର ଠାରେ ଜରିପାଲ ଭିତରେ ବିପଦ ପୂର୍ଣ୍ଣ ଅବସ୍ଥାରେ ରହୁଥିବା ବୃଦ୍ଧ ଦମ୍ପତିଙ୍କୁ ସ୍ଥାନୀୟ ସରପଞ୍ଚ ପ୍ରତିନିଧିଙ୍କ ସହାୟତାରେ ଉଦ୍ଧାର କରାଯାଇ ପୋଲିସ ଭ୍ୟାନ ଯୋଗେ ସ୍ଥାନୀୟ ଆଶ୍ରୟ ସ୍ଥଳୀରେ ଛାଡିଥିଲେ।

ଇଞ୍ଚା ଥେରୁବାଲିର ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ରକ୍ତଦାନ ଶିବିର

ରାୟଗଡା,୨୦।୧୧ :(ମନ୍ଟୁନ) ମାନବ ସେବା ଓ ଜନକଲ୍ୟାଣ କ୍ଷେତ୍ରରେ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ, ଇଞ୍ଚା ଥେରୁବାଲି ର ସି.ଏସ୍.ଆର୍ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ଗୋପବନ୍ଧୁ ନଗର ସ୍ଥିତ ଇଞ୍ଚା କର୍ମଚାରୀ କ୍ଲବ୍ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ଇଞ୍ଚା ର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଯୁବକମାନେ ଉତ୍ସାହର ସହ ଯୋଗଦାନ କରି ସାମାଜିକ ଦାୟିତ୍ୱବୋଧ ଓ ମାନବିକତାର ଉଦାହରଣ ସୃଷ୍ଟି କରିଥିଲେ। ଇଞ୍ଚା, ଥେରୁବାଲି ର ୟୁନିଟ୍ ହେଡ୍ ତଥା ଇ ଆଇ ସି ଶ୍ରୀ ଜି.ଭି. ରାକେଶ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡ଼ା ର ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଗୌତମ ପଟ୍ଟନାୟକ, ଇଞ୍ଚା ର ଉପ ମହାପ୍ରବନ୍ଧକ (ମାନବ ସମ୍ବଳ ଓ ପ୍ରଶାସନ) ଶ୍ରୀ କ୍ଷିତିଶ ଚନ୍ଦ୍ର ମହାପାତ୍ର, ମହାପ୍ରବନ୍ଧକ (ଯାନ୍ତ୍ରିକ) ଶ୍ରୀ ଏମ୍. ଶ୍ରୀନିବାସ, ଇଞ୍ଚା ହସ୍ପିଟାଲର ଇନ୍‌ଚାର୍ଜ ଡାକ୍ତର କେ. ସାଇ ଆଦିତ୍ୟଙ୍କ ସମେତ ଇଞ୍ଚା ର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।ଜିଲ୍ଲା ମୁଖ୍ୟ ଚିକତ୍ସାଳୟ, ରାୟଗଡ଼ାର ଓଡ଼ିଶା ରକ୍ତଭଣ୍ଡାର



ସହଯୋଗରେ ଆୟୋଜିତ ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରୋଗୀମାନଙ୍କ ପାଇଁ ନିରାପଦ ରକ୍ତର ଆବଶ୍ୟକତା ପୂରଣ କରିବା ସହ ସ୍ୱେଚ୍ଛାକୃତ ରକ୍ତଦାନ ପ୍ରତି ଜନସଚେତନତା ସୃଷ୍ଟି କରିବା। ବିଭିନ୍ନ ବୟସ ବର୍ଗର ଲୋକମାନେ ଏହି ମହତ୍ କାର୍ଯ୍ୟରେ ସାମିଲ ହୋଇ ଶିବିରକୁ ସଫଳ କରିଥିଲେ। ଏହି ଶିବିରର ଏକ ବିଶେଷ ଆକର୍ଷଣ ଥିଲା ମହିଳା କର୍ମଚାରୀ ଓ ପରିବାରର ମହିଳା ସଦସ୍ୟମାନଙ୍କର ସକ୍ରିୟ ଓ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ। ସେମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ ପାଇଁ ଆଗେଇ ଆସି ମାନବିକତା, ସାମାଜିକ ଦାୟିତ୍ୱବୋଧ ଓ ସମାଜସେବା ପ୍ରତି ନିଜର ନିଷ୍ଠା ପ୍ରଦର୍ଶନ କରିଥିଲେ। ସେମାନଙ୍କର ଏହି ଯୋଗଦାନ ଶିବିରକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥିଲା। ଏହି ମହତ୍ କାର୍ଯ୍ୟରେ ନିଜେ ରକ୍ତଦାନ କରି ୟୁନିଟ୍ ହେଡ୍ ତଥା ଇଆଇସି ଶ୍ରୀ ଜି.ଭି. ରାକେଶ ଏବଂ ଉପ ମହାପ୍ରବନ୍ଧକ (ମାନବ ସମ୍ବଳ ଓ ପ୍ରଶାସନ) ଶ୍ରୀ କ୍ଷିତିଶ ଚନ୍ଦ୍ର ମହାପାତ୍ର ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉଦାହରଣ ସାଜିଥିଲେ। ରକ୍ତଭଣ୍ଡାରର ଡାକ୍ତରୀ ଦଳ ଓ ପ୍ରଶିକ୍ଷିତ କର୍ମଚାରୀ ଶ୍ରୀ ସରୋଜକାନ୍ତ ଆଚାର୍ଯ୍ୟ, ଶ୍ରୀ ବି. କିଶୋର କୁମାର, ଶ୍ରୀ ଉମାକାନ୍ତ ମିଶ୍ର ଓ ଶ୍ରୀ ଶଙ୍କର ତାଡ଼ିଙ୍ଗୀ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଆବଶ୍ୟକୀୟ ମାର୍ଗଦର୍ଶନ ଦେବା ସହ ଶିବିରର ସୁଚାରୁ ଓ ସୁରକ୍ଷିତ ପରିଚାଳନା ସୁନିଶ୍ଚିତ କରିଥିଲେ। ଏହି ଶିବିରରୁ ମୋଟ ୮୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହା ସ୍ଥାନୀୟ ଅଞ୍ଚଳରେ ରକ୍ତର ଆବଶ୍ୟକତା ପୂରଣ କରିବା ସହ ଅନେକ ରୋଗୀଙ୍କ ଜୀବନ ରକ୍ଷାରେ ସହାୟକ ହେବ।ଶ୍ରୀ ଜି.ଭି. ରାକେଶ, ୟୁନିଟ୍ ହେଡ୍ ତଥା ଇଆଇସି ଏବଂ ଶ୍ରୀ କ୍ଷିତିଶ ଚନ୍ଦ୍ର ମହାପାତ୍ର, ଉପ ମହାପ୍ରବନ୍ଧକ – ମାନବ ସମ୍ବଳ ଓ ପ୍ରଶାସନ ଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଆୟୋଜିତ ଏହି ଶିବିରକୁ ଶ୍ରୀ ଦୀପକ କୁମାର ଓଝା, ସହକାରୀ ପ୍ରବନ୍ଧକ ଲୋକସମ୍ପର୍କ ବିଭାଗ ସଂଯୋଜନା କରିଥିଲେ। ଏଭଳି ଜନହିତକର ପଦକ୍ଷେପ ମାଧ୍ୟମରେ ଇଞ୍ଚା ଓ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ ସ୍ୱାସ୍ଥ୍ୟସେବା, ଜନକଲ୍ୟାଣ ଓ ସାମାଜିକ ବିକାଶ କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ନିରନ୍ତର ଭାବେ ଦୋହରାଇ ଆସୁଛନ୍ତି। ଏଥିସହ ସମାଜର ମଙ୍ଗଳ ପାଇଁ ସମସ୍ତଙ୍କୁ ମାନବିକତା ଓ ସେବା ମନୋଭାବରେ ଆଗେଇ ଆସିବାକୁ ପ୍ରେରଣା ଯୋଗାଉଛନ୍ତି।

ବାତ୍ୟା ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ଭେଟିଲେ ବିଧାୟକ

ଡେଲାଙ୍ଗ,୨୦।୧୧ :(ମନ୍ଟୁନ) ରାଜ୍ୟ ସରକାର ସାମ୍ଭାବ୍ୟ ବାତ୍ୟା ଅକଭାନ କୁ ମୁକାବିଲା କରିବା ପାଇଁ ବ୍ୟାପକ ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିଲେ । ଅସୁରକ୍ଷିତ ଅଂଚଳରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନ ବାତ୍ୟା ଆଶ୍ରୟସ୍ଥଳି ଏବଂ ପକ୍କାଘର ବିଦ୍ୟାଳୟ ଗୃହକୁ ସ୍ଥାନାନ୍ତରିତ କରାଯାଇଥିଲା । ଡେଲାଙ୍ଗ ବ୍ଲକରେ ସ୍ଥାୟୀ ଓ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳି ୧୪ଟି ସେଂଟରରେ ଲୋକମାନଙ୍କୁ ସୁରକ୍ଷିତ ଭାବେ ରଖାଯାଇଥିବା ବେଳେ ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ରିଲିଫ୍ ପ୍ରଦାନ କରାଯାଇଛି । ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଶୁକ୍ରବାର କଲ୍ୟାଣପୁର, ଗୁଡୁପାଇଲୋ, ଧାନକେରା ଏବଂ ଅଭୟମୁଖୀସ୍ଥିତ ବାତ୍ୟା ଆଶ୍ରୟସ୍ଥଳିରେ ପହଂଚି ସେଠାରେ ଥିବା ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ଠିକ ଭାବରେ ରିଲିଫ ପ୍ରଦାନ କରାଯାଉଛି କି ନାହିଁ ପଚାରି ବୁଝି ତଦାରଖ କରିଥିଲେ ।

ବାତ୍ୟା ଆଶ୍ରୟସ୍ଥଳୀରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ରାତ୍ରିଯାପନ

ଏରସମା,୨୦।୧୧ :(ମନ୍ଟୁନ) ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକି ପଞ୍ଚାୟତର କାଙ୍କଣ ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଜିଲ୍ଲାପାଳ ଓ ଏସ୍‌ପି ମିଳିତ ଭାବେ ରାତ୍ରିଯାପନ କରିବା ସହ ଆଶ୍ରୟସ୍ଥଳୀର ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲ୍ଲାରେ ବାତ୍ୟା ମୁକାବିଲା ଓ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଦୁଇ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।ଏହି ଅବସରରେ ଆଶ୍ରୟସ୍ଥଳୀରେ ଉପଲବ୍ଧ ମୌଳିକ ସୁବିଧା, ପାନୀୟ ଜଳ, ବିଦ୍ୟୁତ୍, ପରିମଳ ଓ ଜରୁରୀକାଳୀନ ପ୍ରସ୍ତୁତି ଆଦିର ସ୍ଥିତି ଅନୁଧ୍ୟାନ କରାଯାଇଥିବା ଜଣାପଡ଼ିଛି। ଏସ୍ପି ଓ ଜିଲ୍ଲାପାଳ ଙ୍କ ଏଭଳି ଉଦ୍ୟମ କୁ ନେଇ ସାରା ରାଜ୍ୟରୁ ପ୍ରଶଂସା ର ସୁଅ ଛୁଟିଛି।

ବାତ୍ୟା 'ଅକଭାନ୍'ର ପ୍ରଭାବ, ଭଗାଣ ବର୍ଷାରେ ଘରକାନ୍ଥ ଭୁଶୁଡିଲା

ବୁଗୁଡା,୨୦।୧୧ :(ମନ୍ଟୁନ)ବାତ୍ୟା 'ଅକଭାନ୍' ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମ ତେଲୁଗୁ ସାହି ନିବାସୀ କୁନା ଗୌଡଙ୍କ ଘରକାନ୍ଥ ଭୁଷୁଡି ପଡିଥିବା ଜଣାଯାଇଛି । ଗତ ଗୁରୁବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ତାଙ୍କର ପୁରୁଣାକାଳିଆ ବାସଘର କାନ୍ଥ ଭୁଷୁଡି ପାଣି ପଶିଯାଇଥିଲା । ଏ ନେଇ ଖବର ପାଇ ସେଠାରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ପହଞ୍ଚିଥିବାବେଳେ ପ୍ରଶାସନ ପକ୍ଷରୁ ସରକାରୀ ସହାୟତାରେ ପାଲ ଯୋଗାଇ ଦେଇଥିବା ଜଣାଯାଇଛି । ଅନ୍ୟପକ୍ଷରେ ପୂର୍ବରୁ କୁନାଙ୍କ ସ୍ତ୍ରୀ ରୁନୁ ଗୌଡଙ୍କ ନାମରେ ଆବାସ ପାଇଁ ଆବେଦନ ହୋଇଥିବାବେଳେ ତାହା ଏପର୍ଯ୍ୟନ୍ତ ମଞ୍ଜୁର ହୋଇନଥିବା ଜଣାପଡିଛି ।

ବେଲୁର ମଠ ରାମକୃଷ୍ଣ ମିଶନ ପକ୍ଷରୁ ୧୦୦୦ ଜଣ ଙ୍କୁ ରିଲିଫ ପ୍ରଦାନ

ଗଞ୍ଜାମ,୨୦।୧୧ :(ମନ୍ଟୁନ)ଗଞ୍ଜାମ ଜିଲ୍ଲାରେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବନ୍ୟା ଜଳ ଜନ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା ଏବେ ପୁଣି ଆକ୍ୱାନ ବାତ୍ୟା ପ୍ରଭାବରେ ବର୍ଷା ରେ ଲୋକେ ପ୍ରଭାବିତ ହୋଇଥିଲେ । ଯାହାକୁନେଇ ବେଲୁର ମଠ ପ୍ରଦତ ରାମକୃଷ୍ଣ ମିଶନ ଭୁବନେଶ୍ୱର ଦ୍ୱାରା ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ସନ୍ତୋଷ ପୁର ର ସହଯୋଗରେ ଶୁକ୍ରବାର ୫୪ ଜଣଙ୍କୁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ସ୍ୱାମୀ ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିର ରେ ଶିକ୍ଷାନୁଷ୍ଠାନର ମୁଖ୍ୟ ବଟକୃଷ୍ଣ ତ୍ରିପାଠୀଙ୍କ ରିଲିଫ ବଣ୍ଟନ କରିଥିଲେ । ସୂଚନା ଥାଉକୁ କିଛିଦିନ ପୂର୍ବ ରୁ ଅର୍ଣ୍ଣବ ବାତ୍ୟା ପାରବର୍ତ୍ତୀ ସମୟରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରପାଡ଼ିତ ଅଞ୍ଚଳରେ ବନ୍ୟା ବିପନ୍ନ ମାନଙ୍କୁ ରିଲିଫ ୯୪୬ ଜଣଙ୍କୁ ରିଲିଫ ବଣ୍ଟନ କରାଯାଇଥିଲା । ଗଞ୍ଜାମ ଜିଲ୍ଲାରେ ବନ୍ୟା ବିପନ୍ନ ଙ୍କୁ କମଳ, ଲୁଙ୍ଗି, ଗାମୁଛା, ଶାଢ଼ୀ,ଟବାଲ, ବିସ୍କୁଟ,ଇତ୍ୟାଦି ରିଲିଫ ପ୍ୟାକେଟ ପ୍ରଦାନ କରାଯାଇଥିଲା । ଭୁବନେଶ୍ୱର ରାମକୃଷ୍ଣ ମିଶନ ର ସନ୍ୟାସୀ ଶ୍ରୀମଦ ସ୍ୱାମୀ ଅଦ୍ୟୟା ନନ୍ଦଜୀ ମହାରାଜ ଙ୍କ ତତ୍ୱାବଧାନ ରେ ଏକ ଟିମ ରିଲିଫ ବିଭିନ୍ନ ଅଂଚଳରେ ରିଲିଫ ବଣ୍ଟନ କରିଥିଲେ ।



ଅକଭାନ ପ୍ରଭାବରେ ଧାନ ଫସଲ ବ୍ୟାପକ ପ୍ରଭାବିତ, ଚିନ୍ତାରେ ଚାଷୀ

ଡେଲାଙ୍ଗ,୨୦।୧୧ :(ମନ୍ଟୁନ) ସାମ୍ଭାବ୍ୟ ବାତ୍ୟା ଅକଭାନର ପ୍ରଭାବରେ ଓଡିଶାରେ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଓ ପବନ ଯୋଗୁଁ ପାଚିଲା ଧାନ ଚାଷ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ବାତ୍ୟା ସ୍ଥଳଭାଗ ଛୁଇଁବା ସହିତ ଦୁର୍ବଳ ହୋଇଛି । କିନ୍ତୁ ତାର ପ୍ରଭାବରେ ଲଗାଣ ବର୍ଷା ଧନଜୀବନ ଚଳପ୍ରଚଳରେ ଅତିବ୍ୟସ୍ତ କରିଛି । ଲଘୁଚାପ ଜନିତ ବର୍ଷା ଓ ପବନ ପାଇଁ ଅମଳ ଅପେକ୍ଷାରେ ଥିବା ପାଚିଲା ଧାନ ଜମିରେ ପଡି ଯିବା ସହିତ ବର୍ଷା ପାଣିରେ ବୁଡି ଚାଷୀଙ୍କୁ ଦୁଃଖ ଯନ୍ତ୍ରଣାକୁ ଠେଲି ଦେଇଛି । ଚାଷୀର ବର୍ଷକର ପରିଶ୍ରମ ଏବେ ପାଣିରେ ବୁଡିଯାଇଛି । ଏହାକୁ ନେଇ ଚିନ୍ତାରେ ଚାଷୀ ।ପୂର୍ବରୁ ଅର୍ଣ୍ଣବ ବାତ୍ୟାର ପ୍ରଭାବରେ କ୍ଷତି ସହିଥିବା ଚାଷୀମାନେ ଏବେ ପୁଣି ଅକଭାନ ମାଡରେ ପୁରା ପରିବାର ଭାଙ୍ଗି ପଡିଛନ୍ତି ।ଋଣ କରି ଚାଷ କରିଥିବା ଚାଷୀମାନେ କିପରି ଋଣ ଶୁଝିବେ ତାହା ଏବେ ବୋଝ ସାଜିଛି । ଲଗାଣ ବର୍ଷା ସାଙ୍ଗକୁ ହାଲୁକା ପବନରେ ଡେଲାଙ୍ଗ ବ୍ଲକର ୨୧ ଟି ପଂଚାୟତ ଚାଷୀମାନଙ୍କର ହଜାର ହଜାର ହେକ୍ଟର ଧାନଚାଷ ଜମିରେ ଅମଳ ହେବାକୁ ଥିବା ପାଚିଲା ଧାନ ପଡିଯିବାରୁ ନଷ୍ଟ ହେବାକୁ ବସିଛି । ଏହାକୁ ନେଇ ଦୁଃଖ ଦୁର୍ଦ୍ଦଶାରେ ଚାଷୀମାନେ କାଳତିପାତ କରୁଛନ୍ତି । ତୁରନ୍ତ ରାଜସ୍ୱ ଏବଂ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ରାଜ୍ୟ ଓ ଜିଲ୍ଲାପ୍ରଶାସନକୁ ପୁର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଦାବୀ କରିଛନ୍ତି ।



ଜିଲ୍ଲା ପ୍ରଶାସନ ପକ୍ଷରୁ ବିଞ୍ଚନା ପଲ୍ଲୀ ଓ ସିପକୁଡା ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ

ଗଞ୍ଜାମ, ୨୦।୧୧ :(ମନ୍ଟୁନ)ବାତ୍ୟା ଆକ୍ୱାନ କୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରାଯାଇ ଲୋକ ଙ୍କ ପାଇଁ ସମସ୍ତ ପ୍ରକାର ସୁବ୍ୟବସ୍ଥା ହେଉଛିକି ନାହିଁ ସେ ସମ୍ପର୍କରେ ସମୀକ୍ଷା କରାଯାଇଛି । ଗଞ୍ଜାମ ବ୍ଲକ ଅନ୍ତର୍ଗତ ସିପକୁଡା ଓ ବିଞ୍ଚଣା ପଲ୍ଲୀ ବାତ୍ୟା ଆଶ୍ରୟ ସ୍ଥଳକୁ ଆର ଡି ସି ବିଜୟ ଅମୃତ କୁଲାଙ୍ଗେ ଓ ଜିଲ୍ଲାପାଳ ଭି କାର୍ତ୍ତି ଭାସନ ଙ୍କ ସହ ଜିଲ୍ଲା ଓ ବ୍ଲକ ପ୍ରଶାସନ ଅଧିକାରୀ ଗ୍ରସ୍ତ କରିଥିବା ଜଣା ପଡିଛି ।ମଙ୍ଗଳବାର ରାତ୍ର ୧୦ ପରେ ଅଧିକାରୀ ମାନେ ପହଞ୍ଚି ଆଶ୍ରୟ ସ୍ଥଳରେ ଆଶ୍ରୟ ନେଇଥିବା ଲୋକଙ୍କ ସହ ସେମାନଙ୍କ ଖାଦ୍ୟ ବ୍ୟବସ୍ଥା ସହ ସଠିକ ପରିଚାଳନା ହୋଇଛିକି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଗ୍ରସ୍ତ ସମୟରେ ବିଡ଼ିଓ ଅଚ୍ୟୁତାନନ୍ଦ ଜାନି, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି ପ୍ରମୁଖ ଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ରହିଥିଲେ ।

ବଡ଼ ମାଫିଆଙ୍କୁ ଖୋଲା ଛାଡ଼,ଛୋଟ ବେପାରୀଙ୍କୁ ଧରପଗଡ଼

ମୋରଡ଼ା,୨୦।୧୧ :(ମନ୍ଟୁନ) ମୟୂରଭଞ୍ଜ ଜିଲ୍ଲା ଦେଉଳି ଅବକାରୀ ଥାନା ଅଞ୍ଚଳରେ ବେଆଇନ ଚୋରା ମଦ କାରବାରକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଅଞ୍ଚଳରେ ବ୍ୟାପକ ଭାବେ ଚୋରା ମଦ କାରବାର ଚାଲିଥିବା ଅଭିଯୋଗ ହେଉଥିବା ବେଳେ ଅବକାରୀ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଅଭିଯୋଗ ଅନୁଯାୟୀ, ବିଭିନ୍ନ ଦେଶୀ ମଦଭାଟିରୁ ବଡ଼ ବଡ଼ ଗାଡ଼ି ଓ ବାଇକ୍ ଯୋଗେ ଶହ ଶହ ଲିଟର ଦେଶୀ ମଦ ବାହାର ଅଞ୍ଚଳକୁ ଚୋରା ଚାଲାଣ ହେଉଛି। ଏପରିକି ସୀମାନ୍ତ ଅଞ୍ଚଳ ଚକଶୁଳିଆପଦା ଓ ଦେଉଳି ଡ୍ୟାମ୍ ରାସ୍ତା ଦେଇ ମହୁଲ ଗାଡ଼ିଠାରୁ ଆରମ୍ଭ କରି ନକଲି ବିଦେଶୀ ମଦ ପର୍ଯ୍ୟନ୍ତ ଚୋରା କାରବାର ହେଉଥିବା ନେଇ ଅଭିଯୋଗ ଆସୁଛି। ଅନ୍ୟପକ୍ଷରେ, ବଡ଼ ଚୋରା ମଦ ବ୍ୟବସାୟୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ବଦଳରେ ଗାଁ ଗହଳିରେ ଅଳ୍ପ ପରିମାଣର ମଦ ବିକ୍ରି କରୁଥିବା ଲୋକଙ୍କୁ ଗିରଫ କରି ବିଭାଗ ନିଜର ସଫଳତା ଦେଖାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ସ୍ଥିତିରେ ଅବକାରୀ ବିଭାଗ ସହ ପୋଲିସ ପ୍ରଶାସନର ରାତ୍ରିକାଳୀନ ପାଟ୍ରୋଲିଂକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ନିୟମିତ ଯାଞ୍ଚ ଓ ପାଟ୍ରୋଲିଂର ଅଭାବ ଯୋଗୁଁ ଚୋରା ମଦ ମାଫିଆମାନେ ଅଧିକ ସକ୍ରିୟ ହେଉଥିବା ଅଭିଯୋଗ ହେଉଛି।ତେବେ ପ୍ରଶ୍ନ ଉଠୁଛି, ବଡ଼ ବଡ଼ ଚୋରା ମଦ କାରବାର ଉପରେ କେବେ ଲାଗିବ ରୋକ୍ କେବେ ତତ୍ପର ହେବ ଦେଉଳି ଅବକାରୀ ବିଭାଗ ଏହି ବେଆଇନ କାରବାର ଉପରେ ରୋକ୍ ଲଗାଇବାକୁ ଜିଲ୍ଲା ଅବକାରୀ ଅଧୀକ୍ଷକ ଓ ପୋଲିସ ପ୍ରଶାସନ କେବେ ଠୋସ୍ ପଦକ୍ଷେପ ନେବେ, ତାହାକୁ ଏବେ ଅପେକ୍ଷା।

ବାଦୁଆରେ ଶିଶୁ ନାଟକ 'ମୋବାଇଲ ହାତରେ ଭବିଷ୍ୟତ ଅନ୍ଧାର' ମଞ୍ଚସ୍ଥ

ବୁଗୁଡା,୨୦।୧୧ :(ମନ୍ଟୁନ)ବୁଗୁଡ଼ା ବ୍ଲକ ଗୋଲିଆ ପଞ୍ଚାୟତ ଅନ୍ତର୍ଗତ ବାଦୁଆ ଗ୍ରାମରେ ଗଜାନନ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଶିଶୁ ନାଟକ 'ମୋବାଇଲ ହାତରେ ଭବିଷ୍ୟତ ଅନ୍ଧାର' ମଞ୍ଚସ୍ଥ ହୋଇଯାଇଛି । ଇଂ. କେଦାରଙ୍କ ଦ୍ୱାରା ଲିଖିତ କାହାଣୀକୁ ନିର୍ଦ୍ଦେଶକ ଯୋଗୀ କୃଷ୍ଣଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଉକ୍ତ ସଚେତନତାମୂଳକ ଶିଶୁ ନାଟକରେ ବାଦୁଆ ଗ୍ରାମର ଛାତ୍ରଛାତ୍ରୀମାନେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ଶ୍ରୀଗୋବିନ୍ଦ ମ୍ୟୁଜିକ୍ ଦ୍ୱାରା ପ୍ରାୟୋଜିତ ଉକ୍ତ ଶିଶୁ ନାଟକରେ ଓଁ



ମା' ଡିଜିଟାଲ ଲାଇଟ୍ ଏଣ୍ଡ୍ ସାଉଣ୍ଡର ମଞ୍ଚସଜ୍ଜା ଓ ଆଲୋକ ବ୍ୟବସ୍ଥା ଆକର୍ଷଣୀୟ ଥିଲା। ଗ୍ରାମର ଶିଶୁ କଳାକାର ସ୍ନେହା, ଚନ୍ଦନ, କାହ୍ନା, ସିଲ୍ଲୁ, ରାହୁଲ

ଆଞ୍ଚଳିକ ସମୁନ

ଶନିବାର,୨୧ ନଭେମ୍ବର ୨୦୨୬, ଭୁବନେଶ୍ୱର Saturday,21 November 2026, Bhubaneswar



ବେଆଇନ୍ କାଠକୁ ପରିବହନ କରୁଥିବା ଟ୍ରଲି ରିକ୍ସାକୁ ଜଙ୍ଗଲ ବିଭାଗ ଦ୍ୱାରା ଜବତ୍

ଜଳେଶ୍ୱର,୨୦।୧୧ :(ମନ୍ଟୁନ)ବିଶ୍ୱସନୀୟ ସୂତ୍ରରୁ ପ୍ରାପ୍ତ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଏବଂ ବାଲେଶ୍ୱର ବନ୍ୟପ୍ରାଣୀ ଡଭିଜନର ଡଭିଜନାଲ୍ ଫରେଷ୍ଟ ଅଫିସରଙ୍କ ନିର୍ଦ୍ଦେଶକ୍ରମେ, ଜଳେଶ୍ୱର ବନ୍ୟପ୍ରାଣୀ ରେଞ୍ଜର ରେଞ୍ଜ ଅଫିସର ଶିଶିର କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ରାଇବଣିଆ ଥାନା ଅଧୀନ ଗୁରୁଦାସପୁର ନିକଟରେ ଚଢ଼ାଉ କରିଥିଲେ।ଏହି ଚଢ଼ାଉ ସମୟରେ ବିନା ବୈଧ ପରମିଟ୍ ଓ ଆବଶ୍ୟକୀୟ ଦଲିଲରେ ଆମ୍ବ, ଅର୍ଜୁନ ଏବଂ ପାଣିଗମ୍ବାରୀ ପ୍ରଜାତିର ଗୋଲ୍ କାଠ ବେଆଇନ ଭାବେ ପରିବହନ



କରୁଥିବା ଏକ ଇଞ୍ଜିନ୍ ଚାଳିତ ଟ୍ରଲି ରିକ୍ସା ଜବତ କରାଯାଇଥିଲା।ଉକ୍ତ ଗାଡ଼ିର ଚାଳକ ଦେବେନ୍ଦ୍ର ଦାସ(୪୫)ଙ୍କୁ ଏହି ଅପରାଧ ସମ୍ପର୍କରେ ଅଟକ ରଖାଯାଇଛି।ଏହି ଘଟଣା ସମ୍ପର୍କରେ କେସ୍ ନମ୍ବର ୫୧ଜେ.ଏଲ/୨୦୨୬–୨୭ ରେ ଏକ ବନ ଅପରାଧ ମାମଲା ରୁଜୁ କରାଯାଇଛି ଏବଂ ଆଇନାନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉଛି।ଘଟଣା ଧରିବାରେ ରେଞ୍ଜ ଅଫିସର,ଶିଶିର କୁମାର ବେହେରା,ବରଡିହା ସେକ୍ସନର ଫରେଷ୍ଟର,ପ୍ରହଲ୍ଲାଦ ଚନ୍ଦ୍ର ନାୟକ, କେନ୍ଦୁଖୁଣ୍ଟା ବିଟର ଫରେଷ୍ଟ ଗାର୍ଡ,ଅଭୟ କୁମାର ମଲ୍ଲିକ ଓ ଜଳେଶ୍ୱର ବନ୍ୟପ୍ରାଣୀ ରେଞ୍ଜର ସ୍କାଡ୍ ପ୍ରମୁଖ ସାମିଲ ଥିଲେ।ମାମଲାର ଅଧିକ ତଦନ୍ତ ଏବଂ ଆବଶ୍ୟକୀୟ ଆଇନଗତ ପଦକ୍ଷେପ ଜାରି ରହିଛି।

ଅରଡିଆପଦାରେ ଚାଞ୍ଚଲ୍ୟ: ୯ ମାଙ୍କଡ଼ଙ୍କ ରହସ୍ୟଜନକ ମୃତ୍ୟୁ

ଫୁଲନଖରା,୨୦।୧୧ :(ମନ୍ଟୁନ)କଟକ ସଦର ଥାନା ଅନ୍ତର୍ଗତ ଅରଡିଆପଦା ଗ୍ରାମରେ ଏକ ଅଭାବନୀୟ ଓ ହୃଦୟବିଦାରକ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଶୁକ୍ରବାର ସକାଳେ ଗ୍ରାମର ଏକ ଘରୋଇ ରାଇସ୍ ମିଲ୍ ନିକଟରେ ପ୍ରାୟ ୯ଟି ମାଙ୍କଡ଼ଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ସ୍ତବ୍ଧ ହୋଇଯାଇଥିଲେ। ଏକାଧିକ ମାଙ୍କଡ଼ଙ୍କ ଏଭଳି ରହସ୍ୟଜନକ ମୃତ୍ୟୁ ଘଟଣା ଅଞ୍ଚଳବାସୀଙ୍କୁ ଗଭୀର ମର୍ମାହତ କରିଛି।ମାଙ୍କଡ଼ଗୁଡ଼ିକୁ ବିଷ ପ୍ରୟୋଗ କରି ଉଦ୍ଦେଶ୍ୟମୂଳକ ଭାବେ ମାରି ଦିଆଯାଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ମାଙ୍କଡ଼ମାନଙ୍କ ଉପଦ୍ରବ ଯୋଗୁଁ କେହି ଏଭଳି ଅମାନବୀୟ ପଦକ୍ଷେପ ନେଇଥାଇପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ମାଙ୍କଡ଼ଗୁଡ଼ିକର ମୃତ୍ୟୁର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ।ଘଟଣା ସମ୍ପର୍କରେ ଖବର ପ୍ରଚାରିତ ହେବା ପରେ ଫୁଲନଖରା ବନାଞ୍ଚଳର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ମୃତ ମାଙ୍କଡ଼ଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ବନ ବିଭାଗ ପକ୍ଷରୁ ଘଟଣାର ପ୍ରକୃତ କାରଣ ଖୋଜିବା ସହ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ନେଇ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।ଅନ୍ୟପକ୍ଷରେ ମୃତ ମାଙ୍କଡ଼ଗୁଡ଼ିକ ପ୍ରତି ସମ୍ମାନ ଜଣାଇ ଗ୍ରାମବାସୀ ଏକ ମାନବିକତାର ପରିଚୟ ଦେଇଥିଲେ। ଗ୍ରାମର ମୁରବି ଅଜୟ କୁମାର ବେଉରାଙ୍କ ସମେତ ବରଦା ପ୍ରସାଦ ବେଉରା, ବିଚିତ୍ର କୁମାର ବେଉରା, ସମୀର ବେଉରା ଓ ରତିରଞ୍ଜନ ବେଉରାଙ୍କ ଉପସ୍ଥିତିରେ ସଙ୍କୀର୍ତ୍ତନ କରାଯାଇଥିଲା। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମୃତ ମାଙ୍କଡ଼ଗୁଡ଼ିକୁ ସମାଧି ଦିଆଯାଇଥିଲା।ବନ୍ୟଜନ୍ତୁଙ୍କ ପ୍ରତି ଏଭଳି ନିଷ୍ଠୁର ଆଚରଣ ଆଣି ଗ୍ରହଣୀୟ ନୁହେଁ ବୋଲି ମତପ୍ରକାଶ ପାଇବା ସହ ଘଟଣାକୁ ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ମାଙ୍କଡ଼ଙ୍କ ଉପଦ୍ରବ ଯଦି କାହା ପାଇଁ ସମସ୍ୟା ସୃଷ୍ଟି କରୁଥିଲା, ତେବେ ତାହାର ସମାଧାନ ପାଇଁ ଆଇନସମ୍ମତ ଓ ମାନବିକ ଉପାୟ ଅବଲମ୍ବନ କରାଯିବା ଉଚିତ ଥିଲା। ଏଭଳି ଘଟଣାର ପୁନରାବୃତ୍ତି ରୋକିବା ସହ ଏହା ପଛରେ ଥିବା ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରିବା ଜରୁରୀ ବୋଲି ଗ୍ରାମବାସୀ ମତ ଦେଇଛନ୍ତି।ତେଣୁ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ମାଙ୍କଡ଼ଙ୍କ ମୃତ୍ୟୁର ପ୍ରକୃତ କାରଣ ସାର୍ବଜନୀନ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ କଠୋର ଦଣ୍ଡ ଦେବାକୁ ଅରଡିଆପଦା ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।

ବର୍ଷୀୟାନ କଳାକାରଙ୍କ ପରଲୋକ

ଖଣ୍ଡପଡ଼ା, ୨୦।୧୧ :(ମନ୍ଟୁନ) ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ୧୧ ନଂ ୱାର୍ଡ ଗଡଭିତରସାହି ବାସିନ୍ଦା ବେଣୁଧର ଦାସ (୬୮)ଙ୍କ ପରଲୋକ ଘଟିଥିବା ସୂଚନା ମିଳିଛି। ଆଜି ଭୋର ସମୟରେ ନିଜସ୍ୱ ବାସଭବନରେ ତାଙ୍କର ଆକସ୍ମିକ ମୃତ୍ୟୁ ହୋଇଥିବା ନେଇ ପରିବାର ସୂତ୍ରରୁ ସୂଚନା ମିଳିଛି। ସ୍ୱର୍ଗତ ଦାସ ଖଣ୍ଡପଡ଼ା ସହରରେ ଅନୁଷ୍ଠିତ ହେଉଥିବା ରାମଳୀଳା ଏବଂ ଦଣ୍ଡନୃତ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୀର୍ଘବର୍ଷ ଧରି ଯନ୍ତ୍ରବାଦକ ଭାବେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଥିଲେ। ଏଥିସହିତ ଜଣେ ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ଭାବେ ଅନେକ ଯୁବପିଢୀଙ୍କୁ ଯନ୍ତ୍ରବାଦକ ଓ ସଙ୍ଗୀତ ଶିକ୍ଷା ଦିଗରେ ଉତ୍ସାହିତ କରିଆସୁଥିଲେ। ୧ନଂ ୱାର୍ଡ ସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଏକମାତ୍ର ପୁତ୍ର ଅଜିତ ଦାସ ମୁଖାଗ୍ନି ଦେଇଥିବା ସୂଚନା ମିଳିଛି।

ବାତ୍ୟା ଅକଭାନ ପ୍ରଭାବରେ ଉଜୁଡିଲା ଫସଲ

ଖଣ୍ଡପଡ଼ା,୨୦।୧୧ :(ମନ୍ଟୁନ) ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ବାତ୍ୟା 'ଅକଭାନ' ପ୍ରଭାବରେ ଲଗାଣବର୍ଷାରେ ଚାଷୀର ମେରୁଦଣ୍ଡ ଭାଙ୍ଗିପଡିଛି। ଫଳରେ ଏକାଧିକ ସ୍ଥାନରେ ଜମିରେ ଭାସୁଛି ଅମଳକ୍ଷମ ଧାନଫସଲ। ତେବେ ବିଲରୁ ପାଣି ନ ଛାଡୁଲେ କଟା ହୋଇଥିବା ଧାନ ଜମିକୁ ଆସିବ କି ନା ତାକୁ ନେଇ ଚିନ୍ତାରେପଡିଛନ୍ତି ଶତାଧିକ ଚାଷୀ। ଏପରିକି ପାଣିରେ ହିଁ ବର୍ଷଯାକର ଫସଲ ପଚିଯିବା ଭଳି ଆଶଙ୍କା ସୃଷ୍ଟିହୋଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ଏକାଧିକ ପଞ୍ଚାୟତରୁ ଏଭଳି ଅଭାବନୀୟ ଦୃଶ୍ୟ ଆସିଥିବା ବେଳେକ୍ଷୟକ୍ଷତି ଆକଳନ ନିମନ୍ତେ କୃଷି ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି। ଚଳିତ ଖରିଫ ଋତୁରେ ୩ ଥରବନ୍ୟା ଆସିବା ସତ୍ତ୍ୱେ ବେଶ ଭଲ ଫସଲ ହୋଇଥିବା ବେଳେ ମଣ୍ଡିରେ ଧାନ ଦେଇ ପ୍ରାପ୍ୟ ପାଇବାଆଶାରେ ଥିଲେ ଚାଷୀକୁଳ। ମାତ୍ର ଲଗାଣ ବର୍ଷା ଓ ଫସଲ କ୍ଷତି ଏହି ଆଶାକୁ ଏବେ ମାରିଦେଇଥିବାକ୍ଷୋଭର ସହ କୁହନ୍ତି ଚାଷିକୁଳ। ଏପରିକି ଆଗାମୀ ଦୁଇଦିନ ବର୍ଷା ହେଲେ ଧାନବିଲରୁ ପାଣି ଶୁଖିବା ପାଇଁ୫ ଦିନ ଲାଗିବ। ଏହି ୫ ଦିନ ମଧ୍ୟରେ ପଡିରହିଥିବା ପାଚିଲା ଧାନ ଗଜା ହୋଇଯିବାର ସମ୍ଭାବନା ରହିଛି।ଅମଳ ସମୟରେ ଅଦିନିଆ ବର୍ଷା ଦାଉ ସାଧିଥିବା ବେଳେ କ୍ଷୟକ୍ଷତି ଆକଳନ ନିମନ୍ତେ ସରକାରୀସ୍ତରରେ ଉଦ୍ୟମ ହେଉନଥିବା ଚାଷୀ ମାନେ କ୍ଷୋଭର ସହ କହିଛନ୍ତି।

ଫଳକରେ ଅଟକିଛି ବେଳେଇଶୁଣୀ ପୀଠକୁ ବିଦ୍ୟୁତକରଣ

ଖଣ୍ଡପଡ଼ା,୨୦।୧୧ :(ମନ୍ଟୁନ) ଖଣ୍ଡପଡ଼ା ବ୍ଲକ ରାଣୀଛେଲି ପଞ୍ଚାୟତ ଅଧୀନ ବେଳେଇଶୁଣୀ ପୀଠକୁବିଦ୍ୟୁତକରଣ ବ୍ୟବସ୍ଥା ଫଳକରେ ଅଟକିଥିବା ନେଇ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀଖଣ୍ଡପଡ଼ା ବ୍ଲକର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ପାଇବାକୁ ହକଦାର ଏହି ପୀଠକୁଶହ ଶହ ସଂଖ୍ୟାରେ ଲୋକଙ୍କ ସୁଅ ଛୁଟେ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିବେଷ୍ଟିତ ଏହି ପୀଠରେବର୍ଷତମାମ ସାମାଜିକ କାର୍ଯ୍ୟକ୍ରମ ସହିତ ବଣଭୋଜି କରିବାକୁ ଲୋକଙ୍କ ସମାଗମ ଦେଖିବାକୁମିଳିଥାଏ। ଚଳିତ ପର୍ଯ୍ୟଟନ ଋତୁରେ ଉକ୍ତ ପୀଠଟି ଚଳଚଞ୍ଚଳ ହୋଇଉଠିଥିବା ବେଳେ କିନ୍ତୁ ସରକାରୀସ୍ତରରେ ଅବହେଳା ଯୋଗୁଁ ପୀଠରେ ମୌଳିକ ସୁବିଧା ନଥିବା ଅଭିଯୋଗ ହୋଇଛି। ୨୦୨୫ ମେ ମାସ ୧୫ତାରିଖରେ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଉପସ୍ଥିତିରେ ପୀଠରେ ଶିଳାନ୍ୟାସ



ନିଷ୍ପତ୍ତିକୁ ସ୍ୱାଗତ ମଧ୍ୟ କରିଥିଲେ। ମାତ୍ରଇତିମଧ୍ୟରେ ଦେଢ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବା ବେଳେ ଖୁଣ୍ଟ ଗୋଟିଏ ମଧ୍ୟ ପଡିନଥିବାସ୍ଥାନୀୟ ଅଞ୍ଚଳ ବାସିନ୍ଦା କ୍ଷୋଭର ସହ କହିଛନ୍ତି। ପୀଠକୁ ବିଦ୍ୟୁତକରଣ ବ୍ୟବସ୍ଥା ନିମନ୍ତେବର୍ଷ ବର୍ଷ ଧରି ଦାବି ହୋଇ ଆସୁଥିବା ବେଳେ ସରକାରୀ ଅବହେଳା ଜନ ଅସନ୍ତୋଷ ତୀବ୍ର କରିଛି।ବର୍ଷ ? ତଳେ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଉପସ୍ଥିତିରେ ଏହି ଶିଳାନ୍ୟାସ କରାଯାଇଥିବା ବେଳେକିନ୍ତୁ କାମ ନ ହେବା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳକରେ କେତେ ଅନୁଦାନ ଅର୍ଥ ତଥା କେଉଁବିଭାଗ ଦ୍ୱାରା କାର୍ଯ୍ୟ ସମ୍ପାଦନ ହେବ ଉଲ୍ଲେଖ ନଥିବା ବେଳେ କାର୍ଯ୍ୟ କିଏ କରିବ ତାକୁ ନେଇନାନା ସଂଶୟ ସୃଷ୍ଟି ହୋଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛିପ୍ରକଳ୍ପ ବାବଦରେ ବିଦ୍ୟୁତ ବିତରଣ ସଂସ୍ଥା ପାଖରେ କୌଣସି ସୂଚନା ନଥିବା ଜଣାପଡିଛି। ଘଟଣାସମ୍ପର୍କରେ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ନେବାରେ ଏଭଳି କୌଣସି ପ୍ରକଳ୍ପବାବଦରେ ତାଙ୍କ ପାଖରେ ସୂଚନା ନଥିବା କହିଛନ୍ତି। ସେହିପରି ଖଣ୍ଡପଡ଼ା ଗୋଷ୍ଠୀ ଉନ୍ନୟନଅଧିକାରୀ ଅଙ୍କୁର ଅଭିଳାଷଙ୍କୁ ପଚାରିବାରେ ପ୍ରଶାସନ ପାଖରେ କେଉଁ ଅନୁଦାନ ଅର୍ଥରେ ଏହାନିର୍ମାଣ ହେବ ସେ ସମ୍ପର୍କିତ ତଥ୍ୟ ନଥିବା କହିଛନ୍ତି। ଫଳରେ ବହୁ ପ୍ରତିକ୍ଷିତ ଏହି ପ୍ରକଳ୍ପକେବଳ ଫଳକରେ ସୀମିତ ରହିବ ବୋଲି ସ୍ଥାନୀୟ ପଞ୍ଚାୟତ ବାସିନ୍ଦା କହିଛନ୍ତି। ଜିଲ୍ଲା ପ୍ରଶାସନପକ୍ଷରୁ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଖଣ୍ଡପଡ଼ା ସହରରେ କାର୍ତ୍ତିକେଶ୍ୱର ପୂଜା

ଖଣ୍ଡପଡ଼ା,୨୦।୧୧ :(ମନ୍ଟୁନ) ଖଣ୍ଡପଡ଼ା ଏନଏସି ସମେତ ଗ୍ରାମାଞ୍ଚଳରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୂଜା ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଛି। ସହରାଞ୍ଚଳର ରଥଗଡ଼ା ଛକରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୨୦୦୫ ଓ ୨୦୦୮ ବ୍ୟାଚ ଏବଂ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୨୦୧୧, ୨୦୧୫ ମାଟ୍ରିକ ବ୍ୟାଚର ସହପାଠୀ ମାନଙ୍କ ଦ୍ୱାରା କାର୍ତ୍ତିକେଶ୍ୱର ପୂଜା ବେଶ ଧୁମଧାମରେ ଆରମ୍ଭ ହୋଇଛି। ପ୍ରଭୁ କାର୍ତ୍ତିକେୟଙ୍କ ସୁନ୍ଦର ମୃଣ୍ମୟୀ ମୂର୍ତ୍ତୀ ସାଙ୍ଗକୁ ଆକର୍ଷଣୀୟ ସାଜସଜ୍ଜା ଓ ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳାରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇ ଉଠିଛି। ପାରମ୍ପରିକ ରୀତିନୀତି ଅନୁସାରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପୂଜା ପାଇଁ ଜଳ ସଂଗ୍ରହ, ଅଧିବାସ, ଆବାହନ, ପ୍ରତିଷ୍ଠା, ହୋମଯଜ୍ଞ, ଆଳତୀ ଆଦି କାର୍ଯ୍ୟକ୍ରମ ହୋଇଥିବା ସୂଚନା ମିଳିଛି। ଆସନ୍ତା ୨୫ ତାରିଖରେ ମିଳିତ ଭସାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ ମାନଙ୍କ ଠାରୁ ସୂଚନା ମିଳିଛି।

ବାତ୍ୟା 'ଅକଭାନ'ର ପ୍ରଭାବ, ରାସ୍ତାରେ ବର୍ଷାଜଳ ସ୍ରୋତ

ବୁଗୁଡା,୨୦।୧୧ :(ମନ୍ଟୁନ)ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ଅକଭାନ' ପ୍ରଭାବରେ ବୁଗୁଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ରାସ୍ତାରେ ପାଣି ସୁଅ ଛୁଟି ଯାତାୟତରେ ସମସ୍ୟା ସୃଷ୍ଟି ହୋଇଥିବା ବେଳେ କେତେକ ଚାଷଜମି ଜଳମଗ୍ନ ହୋଇ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଗତ ଗୁରୁବାର ରାତିରୁ ଅନବରତ ବର୍ଷା ଯୋଗୁଁ ପାହାଡିଆ ଅଞ୍ଚଳରୁ ପ୍ରବଳ ପାଣି ବହିଆସି ଗୋଲିଆ ଗାଁ ଶେଷମୁଣ୍ଡ କୋଇଲୁଣ୍ଡିଛକସ୍ଥିତ ଘର ଓ ଗୁହାଳରେ ପଶିଥିବାରୁ ଲୋକଙ୍କ ସହିତ ଗୃହପାଳିତ ପଶୁ ଦୁରଦ୍ଦଶା ଭୋଗୁଥିବା ବେଳେ ଆଖପାଖର ଚାଷଜମି ଜଳମଗ୍ନ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅନ୍ୟପକ୍ଷରେ ଗୋଲିଆ ଗ୍ରାମର ଅନତିଦୂରରେ ମୋଇଦଣ୍ଡା ଛକ ନିକଟସ୍ଥ ମୁଖ୍ୟ ସଡକର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ପ୍ରବଳ ବେଗରେ ବର୍ଷାପାଣି ବହୁଥିବାରୁ ଦୀର୍ଘ ସମୟ ଧରି ଯାତାୟତରେ ବାଧକ ସାଜିଥିଲା। ସେହିପରି ବୁଗୁଡ଼ା-ନୟାଗଡ ରାଜରାସ୍ତାର ଡାକରଡା ଗାଁ ନିକଟରେ ବର୍ଷାପାଣିର ଖରସ୍ରୋତରେ ସଡକର ଗୋଟିଏ ପାର୍ଶ୍ୱ ଧୋଇ ହୋଇଯାଇଛି। ଅନ୍ୟପକ୍ଷରେ ଭଗବାନପୁର, ଶାଳବଣି, ବିରଞ୍ଚିପୁର ଓ ଶତୁସୋଲ ଆଦି ଗ୍ରାମର କେତେକ ସ୍ଥାନରେ ଜମିଥିବା ବର୍ଷାଜଳକୁ ପ୍ରଶାସନର ଉଦ୍ୟମରେ ଦମକଳବାହିନୀ ଦ୍ୱାରା ନିଷ୍କାସନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ବାତ୍ୟା ପ୍ରଭାବରେ ହୋଇଥିବା କ୍ଷୟକ୍ଷତିର ଆକଳନ ପ୍ରଶାସନ ପକ୍ଷରୁ କରାଯିବ ବୋଲି ଜଣାଯାଇଛି।



ଜଗତସିଂହପୁର ଜିଲ୍ଲାରେ ବାତ୍ୟା 'ଅକଭାନ'ପରିସ୍ଥିତି ର ମୁକାବିଲା ନିମନ୍ତେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି


ଜଗତସିଂହପୁର, ୨୦।୧୧ :(ମନ୍ଟୁନ) ସାମୁଦ୍ରିକ ବାତ୍ୟା 'ଅକଭାନ' ଆଜି ପୂର୍ବାହ୍ନ ରେ ସ୍ଥଳଭାଗ ଛୁଇଁବା ପରେ ଧୀରେ ଧୀରେ ତାର ପ୍ରଭାବ କମିବା ସହ ଅପରାହ୍ନ ରେ ଏହା ଅବପାତ ର ରୂପ ନେଇଛି। ଯାହା ଫଳରେ ଜିଲ୍ଲାରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଆଶ୍ରୟ ସ୍ଥଳୀ ରେ ପ୍ରଭାବିତ ଲୋକଙ୍କ ସୁରକ୍ଷା କାର୍ଯ୍ୟ ଜିଲ୍ଲା ପ୍ରଶାସନ ଦ୍ୱାରା ଜାରି ରହିଛି । ଆଜି ବିଧାୟକ ବଳିକୁଦା ଏରସମା ଶ୍ରୀ ସାରଦା ପ୍ରସନ୍ନ ଜେନା ଙ୍କ ସମେତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ , ବଳିକୁଦା ଏରସମା ର ବାତ୍ୟା ଆଶ୍ରୟ ସ୍ଥଳୀ ପରିଦର୍ଶନ କରିବା ସହ ଅତ୍ୟାବଶ୍ୟକ ସୁବିଧା ସୁନିଶ୍ଚିତ କରିଥିଲେ। ପ୍ରଭାବିତ ମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଣ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟ ପରୀକ୍ଷା ବିଷୟରେ ତଦାରଖ କରିଛନ୍ତି । ଜିଲ୍ଲା ଜରୁରୀ



କାଳୀନ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ସକାଳ ୮ ଘଟିକା ସୁଦ୍ଧା ଜିଲ୍ଲା ରେ ମୋଟ ୧୭୫୯୯ ଜଣଙ୍କୁ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇ, ବିଭିନ୍ନ ବ୍ଲକ୍ ର ୨୦୩ ଟି ନିରାପଦ ଆଶ୍ରୟସ୍ଥଳୀ ରେ ରଖାଯାଇଛି। ୧୮୪ ଟି ପ୍ରୀ କିଚେନ ସେଣ୍ଟର୍ ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି ଏବଂ ସେହିଆଶ୍ରୟ ସ୍ଥଳୀ ଗୁଡିକରେ ପ୍ରଭାବିତ ମାନଙ୍କୁ ଚୁଡା, ଗୁଡ଼, ପାଣିବୋତଲ, ପଲିଥିନ୍ ରୋଲ୍ ଯୋଗାଇ ଦିଆଯାଇଛି। ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ବ୍ଲକ୍ ର ସି ଏଚ୍ ସି ରେ ୨୪ଅଟ୍ଟ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ସ୍ୱାସ୍ଥ୍ୟ ସୁରକ୍ଷା କୁ କେନ୍ଦ୍ର କରି ମହିଳା ଓ କିଶୋରୀ ମାନଙ୍କୁ ସାନିଟାରୀ ନାପକିନ ବଣ୍ଟନ କରାଯାଇଛି ଓ ଜଣ୍ଡିସ ଟିମ୍ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଛି।ନିକଟସ୍ଥ ଉଚ୍ଚୀଡ କୁ ସ୍ଥାନାନ୍ତରିତ ହୋଇଥିବା ଗର୍ଭବତୀ ଙ୍କ ମଧ୍ୟରୁ ୬୨ ଜଣ ନିରାପଦ ମାତୃତ୍ୱ ଲାଭ କରିଛନ୍ତି।ଅପରାହ୍ନ ରେ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ଦୁର୍ବଳ ହୋଇଯିବାରୁ କିଛି ଲୋକ ନିଜ ବାସସ୍ଥାନ କୁ ଫେରି ଯାଉଛନ୍ତି ।ସେହିପରି ବାତ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ପାଇଁ ତିର୍‌ତ୍ତୋଲ ଅଞ୍ଚଳ ରେ ଉପୁଡ଼ିଯାଇଥିବା ଗଛ କଟାଯାଇ ରାସ୍ତା ପରିଷ୍କାର କରାଯାଇଛି।

ବାତ୍ୟା ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ପ୍ରଦାନ

ଧାମନଗର , ୨୦।୧୧ :(ମନ୍ଟୁନ) ବାତ୍ୟା 'ଅକଭାନ'ର ପ୍ରଭାବରେ ଧାମନଗର ବ୍ଲକ ଏନ ଏ ସି ରେ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ସକାଳୁ ବିଭିନ୍ନ ଅଞ୍ଚଳରେ ଦିନତମାମ ଲଗାଣ ବର୍ଷା ଜାରି ରହିଛି। ଫଳରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିବାବେଳେ ବଜାରଘାଟରେ ମଧ୍ୟ ଲୋକଙ୍



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

କଡ଼ା ସନ୍ଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଛି ଦିନ ତଳେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ଦେଶର ଆର୍ଥିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେତେକ ମହତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ । ବୈଦେଶିକ ମୁଦ୍ରା ସଞ୍ଚୟ ଏବଂ ଆମଦାନୀ ହ୍ରାସ ନିମନ୍ତେ ଏହି ପରାମର୍ଶ ଉଦ୍ଦିଷ୍ଟ ଥିଲା । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ନିହାତି ଆବଶ୍ୟକ ନଥିଲେ ବିଦେଶ ଗସ୍ତରେ ଯିବା ଉଚିତ ନୁହେଁ । ପେଟ୍ରୋଲ ଓ ଡିଜେଲ ତଥା ରନ୍ଧନ ଗ୍ୟାସ ବା ଏଲପିଜି ବ୍ୟବହାର ହ୍ରାସ କରିବା, ଖାଇବା ତେଲ ବ୍ୟବହାର ୧୦% କମାଇବା ଏବଂ ରାସାୟନିକୀାରେ ପରିବର୍ତ୍ତେ ଜୈବିକ ସାର ବ୍ୟବହାରକୁ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହା ସହିତ ବର୍ଷକ ପାଇଁ ସୁନା କିଣିବା ବନ୍ଦ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ଏସବୁର ଉଦ୍ଦେଶ୍ୟ ହେଲା ଆମଦାନୀ ହ୍ରାସ କରିବା । ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱ ବଜାରରେ ଅଶୋଧିତ ତେଲ ଏବଂ ଏଲପିଜି ଦର ଅତି ମାତ୍ରାରେ ବୃଦ୍ଧି ପାଇଛି । ଏହାର ଆମଦାନୀ ବାବଦରେ ଆମକୁ ବିପୁଳ ବୈଦେଶିକ ମୁଦ୍ରା ବା ଡଲାର ବ୍ୟୟ କରିବାକୁ ପଡୁଛି । ସାରଠାରୁ ଆରମ୍ଭ କରି ସୁନା ଏବଂ କାଇବା ତେଲ ଆମଦାନୀରେ ମଧ୍ୟ ଆମକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି । କାରଣ ଭାରତରେ ଏହାର ଉତ୍ପାଦନ ଯଥେଷ୍ଟ ହେଉଥିଲେ ମଧ୍ୟ ଦେଢ଼ ଶହ କୋଟି ଲୋକଙ୍କ ଚାହିଦା ପୂରଣ ନିମନ୍ତେ ଏହା ପର୍ଯ୍ୟାପ୍ତ ନୁହେଁ । ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ମଧ୍ୟ ସମ୍ଭବ ନୁହେଁ । ତେଣୁ ଏହାର ବ୍ୟବହାରକୁ ହ୍ରାସ କରି ଆମେ କେବଳ ଏହାର ଆମଦାନୀକୁ ହ୍ରାସ କରିପାରିବା । ପେଟ୍ରୋଲ ଓ ଡିଜେଲ ବ୍ୟବହାର କମାଇ ଅଧିକରୁ ଅଧିକ ସଂଖ୍ୟାରେ ଇଭି ବ୍ୟବହାର କରିବା ଏବଂ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥାର ସର୍ବାଧିକ ଉପଯୋଗ କରିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାର ଯଥାର୍ଥତା ରହିଛି ଏବଂ ଅନେକ ଏହାକୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏହି ପରାମର୍ଶ ଦେବାର ୫ ଦିନ ପରେ ୫ ଦିନିଆ ବିଦେଶ ଗସ୍ତରେ ଚାଲିଗଲେ । ଏହାକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି । ପ୍ରଧାନମନ୍ତ୍ରୀ ଅନ୍ୟମାନଙ୍କୁ ବିଦେଶ ଗସ୍ତରେ ନଯିବା ପାଇଁ ପରାମର୍ଶ ଦେଦଇ ନିଜେ କିପରି ବିଦେଶ ଚାଲିଗଲେ ବୋଲି ନିନ୍ଦୁକମାନେ ପ୍ରଶ୍ନ କରିଛନ୍ତି । ସେମାନେ ହୁଏତ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶର ଅର୍ଥ ବୁଝି ନାହାଁନ୍ତି କିମ୍ବା ସବୁ ବୁଝି ଜାଣିଶୁଣି କେବଳ ମୋଦିଜୀଙ୍କୁ ନିନ୍ଦା କରିବା ନିମନ୍ତେ ଏଭଳି କଥା କହୁଛନ୍ତି । ଅଥବା ସେମାନଙ୍କର ସାଧାରଣ ଜ୍ଞାନ ନାହିଁ । ସେମାନେ ହୁଏତ ମୋଦିଜୀଙ୍କ ସଫଳତାରେ ଇର୍ଷାନ୍ୱିତ ହୋଇ ଏପରି କହୁଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବ୍ୟକ୍ତିଗତ ଭାବେ ନିହାତି ଜରୁରୀ ନଥିଲେ କେହି ବିଦେଶ ଗସ୍ତରେ ଯାଆନ୍ତୁ ନାହିଁ । ଏବେ ପ୍ରଧାନମନ୍ତ୍ରୀ ସରକାରୀ ଗସ୍ତରେ ବିଦେଶ ଯାଇଛନ୍ତି । ଏହା ତାଙ୍କର ବ୍ୟକ୍ତିଗତ ଗସ୍ତ ନୁହେଁ । ଏହି ଗସ୍ତରେ ସେ ଅନେକ ଦେଶର ରାଷ୍ଟ୍ରମୁଖ୍ୟମାନଙ୍କ ସହ ଆଲୋଚନା କରି ବହୁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି କରିବାରେ ସଫଳ ହୋଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ୟୁଏଇ ସହିତ ଭାରତର ତେଳ ଏବଂ ଏଲପିଜି ଚୁକ୍ତି । ବର୍ତ୍ତମାନ ପରିସ୍ଥିତି ଦୃଷ୍ଟିରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତରେ ତେଳ ସଂରକ୍ଷଣ ଭଣ୍ଡାର ନିର୍ମାଣ ଏବଂ ଅଧିକ ପେଟ୍ରୋଲିୟମ ସଂରକ୍ଷିତ ରଖିବାକୁ ୟୁଏଇ ଭାରତକୁ ଅଶୋଧିତ ତେଳ ଯୋଗାଇବ । ପ୍ରଧାନମନ୍ତ୍ରୀ ୟୁଏଇ ଗସ୍ତରେ ଯାଇନଥିଲେ ଏହା କିପରି ସମ୍ଭବ ହୋଇଥାଆନ୍ତା ? ଅନେକ ମୋଦିଙ୍କୁ ବିଦେଶ ନୀତି ବିଫଳ ବୋଲସି କହୁଛନ୍ତି । କିନ୍ତୁ ମୋଦିଜୀ ୟୁରୋରେ ଯେପରି ଭାରତର ପ୍ରଭାବ ପ୍ରମାଣିତ କଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ବିମାନ ଭଡ଼ା ବଂଚାଇବାକୁ ଭାରତର ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରେ ଯାଉ ନାହାଁନ୍ତି ଏହି ବାର୍ତ୍ତା ବାହାରକୁ ଯିବା କ’ଣ ଉଚିତ ହେବ ? ଯେଉଁମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଦେଶ ଗସ୍ତ ନେଇ ପ୍ରଶ୍ନ ଉଠାଉଛନ୍ତି ସେମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବିଦେଶ ଗସ୍ତ ସମ୍ପର୍କରେ ନିରବ କାହିଁକି ? ରାହୁଲ କୌଣସି ପଦପଦବୀରେ ରହି ନାହାଁନ୍ତି । ଗତ ୨୨ ବର୍ଷ ଭିତରେ ସେ ବ୍ୟକ୍ତିଗତ ଭାବେ ୫୪ଥର ବିଦେଶ ଗସ୍ତରେ ଯାଇଛନ୍ତି । ଏ ବାବଦରେ ପ୍ରାୟ ୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ତାତ୍ର ବାର୍ଷିକ ଆୟ ପ୍ରାୟ ୧ କୋଟି ଟଙ୍କା । ତେଣୁ ୬୦ କୋଟି ଟଙ୍କା ସେ କେଉଁଠୁ ଆଣିଲେ ଏବଂ କାହିଁକି ସେ ଏତେଥର ବିଦେଶ ଗସ୍ତରେ ଯାଇଛନ୍ତି ? ତାଙ୍କର ଗୁପ୍ତ ବିଦେଶ ଗସ୍ତ ସମ୍ପର୍କରେ କୌଣସି ତଥ୍ୟ ନାହିଁ । ସେଠାରେ ସେ କାହାକୁ ଭେଟିଲେ, କାହା ସହିତ କ’ଣ ଆଲୋଚନା କଲେ ସେ ସମ୍ପର୍କରେ କିଛି ବିବରଣୀ ନାହିଁ । ବିଦେଶରେ ପଞ୍ଚତାରକା ହୋଟେଲରେ ରହିବା ଏବଂ ଅନ୍ୟାନ୍ୟ ଖର୍ଚ୍ଚ କିଏ ବହନ କରିଛି, କାହିଁକି ବହନ କରିଛି, ଏହା ପ୍ରତିବଦଳରେ ରାହୁଲ ତାଙ୍କୁ କିପରି ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି ତାହାର ଉତ୍ତର ମିଳିବା ଆବଶ୍ୟକ । ରାହୁଲ ଗାନ୍ଧି ଭାରତରେ ମଧ୍ୟ ରାଜନୈତିକ କାର୍ଯ୍ୟକ୍ରମରେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି । ଏହା କେଉଁଠୁ ଆସୁଛି ? ଗତ ୩ ତାରିଖରେ ରାହୁଲ ଓମାନ ଯାଇଥିଲେ । ଯୁଦ୍ଧ ସମୟରେ ସେ କାହିଁକି, କାହାକୁ ଭେଟିବାକୁ ଓମାନ ଯାଇଥିଲେ ତାହା ପ୍ରଶ୍ନବାଚୀରେ । ଏହାର ୧୦ ଦିନ ପରେ ଓମାନ ଉପକୂଳରେ ଭାରତୀୟ ଜାହାଜ ଉପରେ ଆକ୍ରମଣ ହେଲା । ଏହା କାକତାଳିକ ନା ଏକ ଗଭୀର ଷଡ଼ଯନ୍ତ୍ରର ଅଂଶ ? ରାହୁଲ ଯେତେବେଳେ ବି ବିଦେଶ ଗସ୍ତରେ ଯାଉଛନ୍ତି, ସେତେବେଳେ ଭାରତର ପ୍ରଧାନମନ୍ତ୍ରୀଙ୍କ ବିରୋଧାରେ, ଭାରତ ସରକାରଙ୍କ ବିରୋଧରେ, ଭାରତର ଅର୍ଥନୈତିକ ପ୍ରଗତି ବିରୋଧରେ ଗପୁଛନ୍ତି । ଏହା କେତେଦୂର ଗ୍ରହଣୀୟ, କେତେଦୂର ଏହା ଭାରତର ସ୍ୱାର୍ଥ ରକ୍ଷା ଦିଗରେ ଉଦ୍ଦିଷ୍ଟ ସେ ସମ୍ପର୍କରେ କଂଗ୍ରେସ ସ୍ପଷ୍ଟିକରଣ ଦେବା ଉଚିତ ।

ପଞ୍ଚୁକ

ସୌଭାଗ୍ୟ ରଞ୍ଜନ ମହାନ୍ତି

କାର୍ତ୍ତିକ ମାସ କେବଳ ଏକ ମାସର ଧାର୍ମିକ ଅନୁଷ୍ଠାନ ନୁହେଁ, ଏହା ଓଡ଼ିଆ ଜାତିର ଆତ୍ମା, ଆସ୍ଥା, ବିଶ୍ୱାସ ଓ ଆଧ୍ୟାତ୍ମିକ ଚେତନାର ଏକ ଅନନ୍ୟ ଅଧ୍ୟାୟ । ଏହି ମାସର ପ୍ରତ୍ୟେକ ପ୍ରଭାତରେ ରହିଛି ଭକ୍ତିର ସୁଗନ୍ଧ, ପ୍ରତ୍ୟେକ ସନ୍ଧ୍ୟାରେ ରହିଛି ଦୀପଶିଖାର ପବିତ୍ର ଆଲୋକ ଏବଂ ପ୍ରତ୍ୟେକ ହୃଦୟରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଅସୀମ ସମର୍ପଣ । କାର୍ତ୍ତିକ ମାସର ଶେଷ ପର୍ଯ୍ୟାୟରେ ଆସୁଥିବା ପଞ୍ଚୁକ ଏହି ଆଧ୍ୟାତ୍ମିକ ଭାବଧାରାକୁ ଏକ ନୂଆ ଉଚ୍ଚତା ପ୍ରଦାନ କରେ । ଚଳିତ ବର୍ଷ ତିଥି ଗଣନା ଅନୁସାରେ ଚାରିଦିନିଆ ପଞ୍ଚୁକ ପାଳନ ହେଉଥିବାରୁ ଏହାର ଧାର୍ମିକ ମହତ୍ତ୍ୱ ସହିତ ସ୍ୱତନ୍ତ୍ରତା ମଧ୍ୟ ଅଧିକ ଚର୍ଚ୍ଚାର ବିଷୟ ହୋଇଛି । ବଡ଼ ଏକାଦଶୀର ପବିତ୍ର ଆରମ୍ଭରୁ କାର୍ତ୍ତିକ ପୂର୍ଣ୍ଣିମାର ମହାପୁଣ୍ୟ ଅବସାନ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶା ଭକ୍ତି, ଶ୍ରଦ୍ଧା ଓ ଜଗନ୍ନାଥ ଚେତନାରେ ମୁଖରିତ ହେବ । ଏହା କେବଳ ପାଞ୍ଚଦିନର ପରମ୍ପରା ନୁହେଁ, ବରଂ ମଣିଷ ନିଜ ଅନ୍ତରାତ୍ମାକୁ ପରିଷ୍କାର କରିବା, ଜୀବନର ମୂଲ୍ୟବୋଧକୁ ବୁଝିବା ଓ ପରମାତ୍ମାଙ୍କ ନିକଟରେ ନିଜକୁ ସମର୍ପଣ କରିବାର ଏକ ପବିତ୍ର ଅବସର । ବଡ଼ ଏକାଦଶୀ ବା ଦେବୋତ୍ଥାନ ଏକାଦଶୀ ଏହି ପର୍ବର ଆଧ୍ୟାତ୍ମିକ ମହିମାକୁ ଆହୁରି ଉଜ୍ଜ୍ୱଳ କରେ । ପାରମ୍ପରିକ ବିଶ୍ୱାସ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁ ଯୋଗନିଦ୍ରାରୁ ଜାଗ୍ରତ ହୁଅନ୍ତି । ଏହି ତିଥି ମଣିଷକୁ ନୂଆ ଆଶା, ନୂଆ ସଂକଳ୍ପ ଓ ଧର୍ମମୟ ଜୀବନର ପ୍ରେରଣା ଦିଏ । ଏକାଦଶୀର ଉପବାସ କେବଳ ଖାଦ୍ୟ ତ୍ୟାଗର ନାମ ନୁହେଁ, ଏହା ଇନ୍ଦ୍ରିୟ ସଂଯମ, ମନର ପବିତ୍ରତା ଓ ଆତ୍ମନିୟନ୍ତ୍ରଣର ଏକ ସାଧନା । ଆଜିର ଅସ୍ଥିର ଜୀବନ, ପ୍ରତିଯୋଗିତା, ସ୍ୱାର୍ଥ ଓ ମାନସିକ ଚାପ ମଧ୍ୟରେ ଏହି ଧାର୍ମିକ ଅନୁଶାସନ ମଣିଷକୁ କିଛି ସମୟ ନିଜ ଭିତରକୁ ଫେରି ଚାହିଁବାର ସୁଯୋଗ ଦିଏ । ପଞ୍ଚୁକର ପ୍ରତ୍ୟେକ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅପୂର୍ବ ବେଶ ଦର୍ଶନ ପାଇଁ ଭକ୍ତମାନଙ୍କ ମନରେ ଅସୀମ ଉତ୍କଣ୍ଠା ଜାଗ୍ରତ ହୁଏ । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦିବ୍ୟ ବେଶ ଦର୍ଶନ କେବଳ ଚକ୍ଷୁର ଆନନ୍ଦ ନୁହେଁ, ଏହା ଭକ୍ତର ହୃଦୟରେ ଏକ ଅବର୍ଣ୍ଣନୀୟ ଆଧ୍ୟାତ୍ମିକ ଅନୁଭୂତି ସୃଷ୍ଟି କରେ । ମହାପ୍ରଭୁଙ୍କ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଧାଇଁ ଆସୁଥିବା ଭକ୍ତଙ୍କ ଆଖିର ଲୁହ, ହାତର ନମସ୍କାର ଓ ହୃଦୟର ଆକୁଳତାରେ ଲୁଚି ରହିଥାଏ ଅସୀମ ବିଶ୍ୱାସ । କାହା ପାଇଁ ମହାପ୍ରଭୁ ଆଶାର ଆଲୋକ, କାହା ପାଇଁ ଦୁଃଖର ସାନ୍ତ୍ୱନା, ଆଉ କାହା ପାଇଁ ଜୀବନର ସମସ୍ତ ସଂଘର୍ଷ ମଧ୍ୟରେ ଏକମାତ୍ର ଭରସା । ଜଗନ୍ନାଥ ସଂସ୍କୃତିର ସବୁଠାରୁ ବଡ଼ ମହତ୍ତ୍ୱ ହେଉଛି ଏହା ସମସ୍ତଙ୍କୁ ଆପଣାର କରିବାର ଶକ୍ତି ରଖେ । ଏଠାରେ ଧନୀ ଓ ଗରିବ, ଉଚ୍ଚ ଓ ନୀଚ, ଜାତି ଓ ବର୍ଣ୍ଣର ଭେଦଭାବ ଉପରେ ମାନବିକତା ଓ ଭକ୍ତିର ସ୍ଥାନ । ମହାପ୍ରଭୁଙ୍କ ମହାପ୍ରସାଦ ସମାନତା, ସହଭାଗିତା ଓ ସାମାଜିକ ସଦ୍ ?ଭାବର ଏକ ଅମୂଲ୍ୟ ବାର୍ତ୍ତା ବହନ କରେ । ପଞ୍ଚୁକ ଅବସରରେ ହବିଷ୍ୟାଳିମାନଙ୍କ ନିଷ୍ଠା ଓ ତ୍ୟାଗ ମଧ୍ୟ ଆମ ସମାଜ ପାଇଁ ଏକ ବଡ଼ ପ୍ରେରଣା । ବୟସର ଅପରାହ୍ନରେ ମଧ୍ୟ ଅନେକ ମହିଳା ସଂଯମ, ଉପବାସ, ପୂଜା ଓ ନିୟମନିଷ୍ଠାର ସହିତ ଏହି ମାସକୁ ପାଳନ କରନ୍ତି । ସେମାନଙ୍କ ପାଇଁ ଏହା କୌଣସି ଦେଖାଣିଆ ଆଚାର ନୁହେଁ, ବରଂ ଜୀବନର ଅନୁଭବ, ଭକ୍ତି ଓ ଆତ୍ମସମର୍ପଣର ଏକ ନିରବ ସାଧନା । ସେମାନଙ୍କ ଅନ୍ତରରେ ଥିବା ଆସ୍ଥା ଆମକୁ ଶିଖାଏ ଯେ ଭକ୍ତିର କୌଣସି ବୟସ ନାହିଁ, ସମୟ ନାହିଁ ଏବଂ ସୀମା ନାହିଁ । ତେବେ ଏହି ପବିତ୍ର ପର୍ବର ମହତ୍ତ୍ୱ କେବଳ ମନ୍ଦିର, ଉପବାସ ଓ ପୂଜାବିଧିରେ ସୀମିତ ରହିବା ଉଚିତ ନୁହେଁ । ଏହାର ପ୍ରକୃତ ଆତ୍ମା ମଣିଷର ଆଚରଣରେ ପ୍ରତିଫଳିତ ହେବା ଆବଶ୍ୟକ । ଯଦି ଆମେ ମହାପ୍ରଭୁଙ୍କ ନିକଟରେ ଦୀପ ଜାଳୁଛୁ, ତେବେ ଅନ୍ୟର ଜୀବନର ଅନ୍ଧକାର ଦୂର କରିବାକୁ ମଧ୍ୟ ଚେଷ୍ଟା କରିବା ଦରକାର । ଯଦି ଆମେ ଉପବାସ କରୁଛୁ, ତେବେ ଭୋକିଲା ମଣିଷକୁ ଅନ୍ନ ଦେବାର ସଂକଳ୍ପ ମଧ୍ୟ ନେବା ଉଚିତ । ଯଦି ଆମେ ତୀର୍ଥ ଓ ମନ୍ଦିରରେ ପବିତ୍ରତା ଖୋଜୁଛୁ, ତେବେ ନିଜ ଚିନ୍ତା, କଥା ଓ କାର୍ଯ୍ୟରେ ମଧ୍ୟ ପବିତ୍ରତା ଆଣିବା ଆବଶ୍ୟକ । ଧର୍ମର ପ୍ରକୃତ ଅର୍ଥ ହେଉଛି ଅନ୍ୟର ଦୁଃଖକୁ ବୁଝିବା, ଅସହାୟଙ୍କୁ ସାହାଯ୍ୟ କରିବା, ବୃଦ୍ଧଙ୍କୁ ସମ୍ମାନ ଦେବା, ନାରୀଙ୍କୁ ମର୍ଯ୍ୟାଦା ଦେବା ଓ ପ୍ରକୃତିକୁ ସୁରକ୍ଷା କରିବା । ଏହି ମୂଲ୍ୟବୋଧ ଜୀବନରେ ଆସିଲେ ହିଁ ପଞ୍ଚୁକର ପାଳନ ସାର୍ଥକ ହେବ । ପଞ୍ଚୁକର ଶେଷ ପର୍ଯ୍ୟାୟରେ ଆସୁଥିବା କାର୍ତ୍ତିକ ପୂର୍ଣ୍ଣିମା ଓଡ଼ିଶାର ଐତିହ୍ୟ ଓ ଗୌରବର ଏକ ସ୍ୱତନ୍ତ୍ର ପରିଚୟ । ଏହି ଦିନ ନଦୀ, ପୋଖରୀ ଓ ଜଳାଶୟରେ ଭୋର ସମୟରେ ଡଙ୍ଗା ଭସାଇବାର ପରମ୍ପରା ଆମକୁ ଆମ ପୂର୍ବପୁରୁଷଙ୍କ ସାହସ, ଦୂରଦୃଷ୍ଟି ଓ ସମୁଦ୍ରଯାତ୍ରାର ଗୌରବମୟ ଇତିହାସ ସହିତ ଯୋଡ଼ିଥାଏ । ବୋଇତ ବନ୍ଦାଣ କେବଳ ଏକ ଆନୁଷ୍ଠାନିକ ପରମ୍ପରା ନୁହେଁ, ଏହା ଓଡ଼ିଆ ଜାତିର ବାଣଜ୍ୟିକ ଦକ୍ଷତା, ସାହସିକତା ଓ ବିଶ୍ୱ ସହିତ ସମ୍ପର୍କର ଜୀବନ୍ତ ସ୍ମାରକ । ଆମ ସାଧବପୁଅମାନେ ଦିନେ ନୌବାଣିଜ୍ୟ ମାଧ୍ୟମରେ ଦୂରଦେଶକୁ ଯାଇ ଓଡ଼ିଶାର ସମୃଦ୍ଧି, ସଂସ୍କୃତି ଓ ପରିଚୟକୁ ବିଶ୍ୱଦରବାରରେ ପହଞ୍ଚାଇଥିଲେ । ଆଜି ସେହି ପରମ୍ପରା ଆମକୁ ନୂଆ ସ୍ୱପ୍ନ ଦେଖିବାକୁ, ଉଦ୍ୟମୀ ହେବାକୁ ଓ ନିଜ ଐତିହ୍ୟକୁ ଆଧୁନିକ ବିକାଶ ସହିତ ଯୋଡ଼ିବାକୁ ପ୍ରେରଣା ଦେଉଛି । ତେଣୁ ନୂଆ ପିଢ଼ି କେବଳ ଡଙ୍ଗା ଭସାଇ ଏହି ପର୍ବ ପାଳନ ନ କରି ଏହା ପଛରେ ଥିବା ଇତିହାସ, ଜ୍ଞାନ, ପରିଶ୍ରମ ଓ ସାହସର ମୂଲ୍ୟକୁ ମଧ୍ୟ ବୁଝିବା ଆବଶ୍ୟକ । ଆଜିର ଯୁଗରେ ଧାର୍ମିକ ପର୍ବପର୍ବାଣିର ଆୟୋଜନ ସହିତ ପରିବେଶ ସୁରକ୍ଷା ଓ ସାମାଜିକ ଦାୟିତ୍ୱକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ହେବ । ନଦୀ ଓ ଜଳାଶୟରେ ଡଙ୍ଗା ଭସାଇବା ସମୟରେ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର, ଜଳ ପ୍ରଦୂଷଣ ରୋକିବା ଓ ପରିମଳ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ । ଧାର୍ମିକ ଆସ୍ଥା ଓ ପ୍ରକୃତି ସୁରକ୍ଷା ପରସ୍ପରର ପରିପୂରକ ହେବା ଉଚିତ । ଏହି ପବିତ୍ର ଅବସରରେ ପ୍ରଶାସନ, ମନ୍ଦିର ପରିଚାଳନା ଓ ସ୍ଥାନୀୟ ସଂସ୍ଥାମାନଙ୍କ ମଧ୍ୟ ସୁଚିନ୍ତିତ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ସ୍ୱଚ୍ଛତା ଓ ଭକ୍ତଙ୍କ ସୁରକ୍ଷା ପ୍ରତି ଦାୟିତ୍ୱ ରହିଛି । ପଞ୍ଚୁକ ଆମକୁ ଏକତାର ବାର୍ତ୍ତା ଦିଏ, ତେଣୁ ଏହାର ଆୟୋଜନରେ ଶୃଙ୍ଖଳା, ସହଯୋଗ ଓ ସେବାଭାବ ମଧ୍ୟ ପ୍ରତିଫଳିତ ହେବା ଦରକାର । ଆମେ ଯେତେବେଳେ ଜଗନ୍ନାଥଙ୍କୁ ସମଗ୍ର ବିଶ୍ୱର ନାଥ ବୋଲି ସମ୍ବୋଧନ କରୁ, ସେତେବେଳେ ତାଙ୍କର ସାର୍ବଜନୀନ ମାନବିକତାର ଆଦର୍ଶକୁ ମଧ୍ୟ ଆମ ଜୀବନରେ ଗ୍ରହଣ କରିବା ଉଚିତ । ଜଗନ୍ନାଥ ସଂସ୍କୃତି ଆମକୁ ଶିଖାଏ ଯେ ମଣିଷର ପରିଚୟ ତାହାର ଧନ, ପଦବୀ କିମ୍ବା କ୍ଷମତାରେ ନୁହେଁ, ବରଂ ତାହାର ହୃଦୟର ବିଶାଳତା ଓ ଅନ୍ୟ ପ୍ରତି ଥିବା ଭଲପାଇବାରେ ରହିଛି । ଚାରିଦିନିଆ ପଞ୍ଚୁକର ଏହି ପବିତ୍ର ଅବସର ଆମ ପାଇଁ ଏକ ଆତ୍ମସମୀକ୍ଷାର ଆହ୍ୱାନ ହେଉ । ଆମେ କେବଳ ମହାପ୍ରଭୁଙ୍କ ଦର୍ଶନ କରି ଫେରି ନ ଆସି ତାଙ୍କର ଦୟା, କରୁଣା, ସମାନତା ଓ ସେବାର ଆଦର୍ଶକୁ ନିଜ ଜୀବନରେ ଧାରଣ କରିବା । ଘରେ ଘରେ ଦୀପ ଜଳୁ, ମନରେ ମନରେ ମାନବିକତା ଜାଗ୍ରତ ହେଉ; ମନ୍ଦିରରେ ଘଣ୍ଟଧ୍ୱନି ଗୁଞ୍ଜରିତ ହେଉ, ସମାଜରେ ସଦ୍‌ଭାବର ସ୍ୱର ଶୁଭୁ; ଭକ୍ତିରେ ମୁଣ୍ଡ ନଇଁଯାଉ, କିନ୍ତୁ ମଣିଷର ମର୍ଯ୍ୟାଦା କେବେ ନ ନଇଁଯାଉ । ଶେଷରେ ଏତିକି କୁହାଯାଇପାରେ, ପଞ୍ଚୁକର ପବିତ୍ରତା କ୍ୟାଲେଣ୍ଡରର ଚାରିଦିନରେ ସୀମିତ ନ ରହୁ; ଏହା ଆମ ଚିନ୍ତା, ଚେତନା ଓ ଚରିତ୍ରରେ ବର୍ଷସାରା ଜୀବନ୍ତ ରହୁ । ମହାପ୍ରଭୁଙ୍କ ନିକଟରେ ଆମର ପ୍ରାର୍ଥନା ହେଉ—ସମସ୍ତଙ୍କ ଜୀବନରୁ ଦୁଃଖ ଦୂର ହେଉ, ଅଭାବୀଙ୍କ ଘରେ ଅନ୍ନର ଅଭାବ ନ ରହୁ, ରୋଗୀଙ୍କୁ ସୁସ୍ଥତା ମିଳୁ, ନିରାଶ ମନରେ ଆଶାର ଆଲୋକ ଜଳୁ ଏବଂ ଓଡ଼ିଶାର ପ୍ରତ୍ୟେକ ହୃଦୟରେ ଭକ୍ତି ସହିତ ମାନବିକତାର ଦୀପ ପ୍ରଜ୍ୱଳିତ ହେଉ । ଜୟ ଜଗନ୍ନାଥ

ଜୀବନର ଅଭିନୟ

ଦୁଷ୍ମନ୍ତ କୁମାର ସାହୁ

ସମାଜରେ ଆମେ ବହୁ ପ୍ରକାର ମନୁଷ୍ୟଙ୍କୁ ଦେଖୁ । ସେମାନଙ୍କ ମଧ୍ୟରୁ କେତେକଙ୍କ ସହିତ ଆମ ମନ ମିଶେ ତ ଆଉ କେତେକଙ୍କ ସହିତ ଆମ ମନ ମିଶେନାହିଁ । ଆମର ଶତ୍ରୁତା ହୋଇଥାଏ ମନ ନ ମିଶୁଥିବା ଲୋକଟି ସହିତ, ହୁଏତ ସେ ଆମର ମିତ୍ରତା ଅଥବା ସମ୍ପର୍କ ଚାହିଁ ପାରୁ ନଥାଏ । ଆଉ ଯେଉଁମାନଙ୍କ ସହିତ ମନ ଫାଟିଯାଏ, ଘୃଣା ଏବଂ ଅସୂୟା ସ୍ୱଭାବିକ ଭାବେ ତିଆରି ହୋଇଯାଏ । ଏପରି ଜୀବନ ଆଜିର ସମାଜରେ ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି । ତେବେ ମୂଳକଥାକୁ ଟିକିଏ ଭାବନ୍ତୁ ନା ବାସ୍ତବରେ ମଣିଷ ଭିତରେ ଏପରି ଭାବନା କାହିଁକି ଆସିଥାଏ ? ମନ ମେଳ ନ ହେବା ବା ନ ମିଶିବାର କାରଣ କ’ଣ ? ଆସ୍ତେମାନେ ଅନେକ ସମୟରେ ଦୃଢ଼ ଓ ଦମ୍ଭ ସାମର୍ଥ୍ୟ ଦେଖାଉଥାଉ ଯେ ଆମେ ଅନେକ ଅସାଧ୍ୟ ସାଧନ କରିପାରିଛୁ । କିନ୍ତୁ ଆସ୍ତେମାନେ ମୂଳ ଲକ୍ଷ୍ୟ ଠାରୁ ଯେ

ଆଞ୍ଚଳିକ ସମୟ

ଶନିବାର,୨୧ ନଭେମ୍ବର ୨୦୨୬, ଭୁବନେଶ୍ୱର Saturday,21 November 2026, Bhubaneswar



୨୦୭୦ ସୁଦ୍ଧା ଭାରତରେ ବଦଳିବ ଜନସଂଖ୍ୟା ଚିତ୍ର ମୋଦୀଙ୍କୁ ଟାର୍ଗେଟ୍ କଲେ ରାହୁଲ

ମୁସଲିମ୍ ଜନସଂଖ୍ୟା ୫୭% ବଢ଼ିବାର ଆକଳନ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):ଭାରତରେ ଆଗାମୀ ୫୦ ବର୍ଷରେ ବଦଳିବ ଜନସଂଖ୍ୟାର ଚିତ୍ର । ମୁସଲିମ୍ ମହିଳାଙ୍କ ପ୍ରଜନନ ହାର କମୁଥିଲେ ମଧ୍ୟ ୨୦୭୦ ସୁଦ୍ଧା ଦେଶରେ ମୁସଲିମ୍ ଜନସଂଖ୍ୟା ପ୍ରାୟ ୫୭ ପ୍ରତିଶତ ବଢ଼ିବା ନେଇ ଆକଳନ କରାଯାଇଛି । ଅନ୍ୟପଟେ ହିନ୍ଦୁ ଓ ମୁସଲିମ୍ ସମ୍ପ୍ରଦାୟ ମଧ୍ୟରେ ପ୍ରଜନନ ହାରର ବ୍ୟବଧାନ ମଧ୍ୟ ଧୀରେ ଧୀରେ କମୁଛି ।ତେବେ ଏହା ସତ୍ତ୍ୱେ ମୁସଲିମ୍ ଜନସଂଖ୍ୟା କାହିଁକି ଅଧିକ ହାରରେ ବଢ଼ିବ । ଏହା ପଛରେ ରହିଛି କେଉଁ ଜନସଂଖ୍ୟାଗତ କାରଣ ପ୍ୟୁ ରିସର୍ଚ୍ଚ ସେଣ୍ଟରର ଏକ ନୂଆ ରିପୋର୍ଟରେ ଏନେଇ ଆକଳନ କରାଯାଇଛି । ନଭେମ୍ବର ୧୮ରେ ପ୍ରକାଶିତ 'ଦି ଫ୍ୟୁଚର୍ ଅଫ୍ ୱାର୍ଲ୍ଡ ରିଲିଜନ୍ସ' ରିପୋର୍ଟରେ ୨୦୧୦ରୁ ୨୦୭୦ ମଧ୍ୟରେ ବିଶ୍ୱର ଧାର୍ମିକ ଜନସଂଖ୍ୟାର ସମ୍ଭାବ୍ୟ ପରିବର୍ତ୍ତନକୁ ନେଇ ତଥ୍ୟ ଦିଆଯାଇଛି ।

ରିପୋର୍ଟ ଅନୁସାରେ, ୨୦୨୦ରେ ଭାରତର ମୁସଲିମ୍ ଜନସଂଖ୍ୟା ପ୍ରାୟ ୨୧ କୋଟି ୩୦ ଲକ୍ଷ ଥିଲା । ୨୦୭୦ ସୁଦ୍ଧା ଏହା ବୃଦ୍ଧି ପାଇ ପ୍ରାୟ ୩୩ କୋଟି ୩୬ ଲକ୍ଷରେ ପହଞ୍ଚିପାରେ। ଅର୍ଥାତ୍ ପ୍ରାୟ ୧୨ କୋଟି ଅଧିକ ଜନସଂଖ୍ୟା ବୃଦ୍ଧିର ଆକଳନ କରାଯାଇଛି ।ଏହି ସମୟ ମଧ୍ୟରେ ଭାରତର ମୋଟ ଜନସଂଖ୍ୟାରେ ମୁସଲିମ୍ଙ୍କ ଅଂଶ ପ୍ରାୟ ୧୫ ପ୍ରତିଶତରୁ ବଢ଼ି ୨୦ ପ୍ରତିଶତ ହୋଇପାରେ। ଅନ୍ୟପଟେ ହିନ୍ଦୁଙ୍କ ଅଂଶ ପ୍ରାୟ ୭୯ ପ୍ରତିଶତରୁ ହ୍ରାସ ପାଇ ୭୬ ପ୍ରତିଶତ ହେବାର ଆକଳନ ରହିଛି । ତେବେ ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୨୦୭୦ରେ ମଧ୍ୟ ଭାରତର ତିନି-ଚତୁର୍ଥାଂଶରୁ ଅଧିକ ଜନସଂଖ୍ୟା ହିନ୍ଦୁ ରହିବେ ବୋଲି ରିପୋର୍ଟ ଆକଳନ କରିଛି ।ଏହାର ମୁଖ୍ୟ କାରଣ ହେଉଛି ବୟସର ପାର୍ଥକ୍ୟ। ଅର୍ଥାତ୍ ମୁସଲିମ୍ ସମ୍ପ୍ରଦାୟର ଜନସଂଖ୍ୟା ତୁଳନାତ୍ମକ ଭାବେ ଅଧିକ ଯୁବ। ପ୍ୟୁ ରିପୋର୍ଟ ଅନୁସାରେ, ୨୦୨୦ରେ ଭାରତୀୟ ମୁସଲିମ୍ଙ୍କ ମଧ୍ୟମ ବୟସ ବା Median Age ୨୪ ବର୍ଷ ଥିବା ବେଳେ ହିନ୍ଦୁଙ୍କ କ୍ଷେତ୍ରରେ ଏହା ୨୯ ବର୍ଷ ଥିଲା। ଅର୍ଥାତ୍ ଦୁଇ ସମ୍ପ୍ରଦାୟ ମଧ୍ୟରେ ୫ ବର୍ଷର ବ୍ୟବଧାନ ରହିଛି ।ଏହି ପାର୍ଥକ୍ୟ ଜନସଂଖ୍ୟା ବୃଦ୍ଧିରେ ବଡ଼ ଭୂମିକା ନେଇଥାଏ। କାରଣ ଯୁବ ଜନସଂଖ୍ୟାର ଏକ ବଡ଼ ଅଂଶ ଆଗାମୀ ବର୍ଷଗୁଡ଼ିକରେ ପ୍ରଜନନ ବୟସରେ ପହଞ୍ଚିବେ। ଫଳରେ ପ୍ରତି ମହିଳାଙ୍କ ହାରାହାରି ସନ୍ତାନ ସଂଖ୍ୟା କମିଲେ ମଧ୍ୟ ମୋଟ ଜନ୍ମ ସଂଖ୍ୟା ଅଧିକ ରହିପାରେ ।ଜନସଂଖ୍ୟା ବିଜ୍ଞାନରେ ଏହାକୁ 'ପପୁଲେସନ୍ ମୋମେଣ୍ଟମ୍' କୁହାଯାଏ । ଅର୍ଥାତ୍ ପ୍ରଜନନ ହାର କମିବା ପରେ ମଧ୍ୟ ଯୁବ ଜନସଂଖ୍ୟା ଅଧିକ ଥିବାରୁ ଦୀର୍ଘ ସମୟ ଯାଏଁ ଜନସଂଖ୍ୟା ବଢ଼ି ଚାଲିଥାଏ ।ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ବା NFHSର ତଥ୍ୟ ଅନୁସାରେ, ୧୯୯୨-୯୩ରେ ମୁସଲିମ୍ ମହିଳାଙ୍କ ପ୍ରଜନନ ହାର ପ୍ରତି ମହିଳା ପିଛା ୪.୪ ସନ୍ତାନ ଥିଲା ୨୦୧୯-୨୧ରେ ଏହା ହ୍ରାସ ପାଇ ୨.୩୬ରେ ପହଞ୍ଚିଛି । ସେହିପରି ହିନ୍ଦୁ ମହିଳାଙ୍କ କ୍ଷେତ୍ରରେ ୧୯୯୨-୯୩ରେ ପ୍ରଜନନ ହାର ୩.୩ ଥିବା ବେଳେ ୨୦୧୯-୨୧ରେ ଏହା ହ୍ରାସ ପାଇ ୧.୯୪ ହୋଇଛି । ଅର୍ଥାତ୍ ଉଭୟ ସମ୍ପ୍ରଦାୟରେ ପ୍ରଜନନ ହାର ହ୍ରାସ ପାଇଛି । କିନ୍ତୁ ମୁସଲିମ୍ ମହିଳାଙ୍କ ପ୍ରଜନନ ହାର ଏବେ ମଧ୍ୟ ହିନ୍ଦୁ ମହିଳାଙ୍କ ତୁଳନାରେ ଅଧିକ ରହିଛି ।ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି, ଭାରତର ମୋଟ ପ୍ରଜନନ ହାର ଏବେ ୨.୦କୁ ଖସି ଆସିଛି । ଯେତେବେଳେ କି ଜନସଂଖ୍ୟା ସ୍ଥିର ରଖିବା ପାଇଁ ସାଧାରଣତଃ ୨.୧କୁ ପ୍ରତିସ୍ଥାପନ ସ୍ତର ବା Replacement Level Fertility ଭାବେ ଧରାଯାଏ ।ପ୍ୟୁ ରିସର୍ଚ୍ଚ ସେଣ୍ଟରର ଆକଳନ ଅନୁସାରେ, ଆଗାମୀ ଦିନରେ ଶିକ୍ଷାର ପ୍ରସାର, ମହିଳାଙ୍କ ସ୍ଥିତିରେ ଉନ୍ନତି ଏବଂ ପରିବାର ନିୟୋଜନ ସୁବିଧା ବଢ଼ିବା ଫଳରେ ହିନ୍ଦୁ ଓ ମୁସଲିମ୍ ମହିଳାଙ୍କ ପ୍ରଜନନ ହାରର ବ୍ୟବଧାନ ଆହୁରି କମିବ। ତଥାପି ପୂର୍ବରୁ ଥିବା ଜନସଂଖ୍ୟାର ବୟସ ଗଠନ ଯୋଗୁଁ ଏହାର ପ୍ରଭାବ ତୁରନ୍ତ ଦେଖିବାକୁ ମିଳିବ ନାହିଁ । ତେଣୁ ପ୍ରଜନନ ହାରର ବ୍ୟବଧାନ କମିଲେ ମଧ୍ୟ ଆଗାମୀ କିଛି ଦଶନ୍ଧି ଯାଏଁ ମୁସଲିମ୍ ଜନସଂଖ୍ୟା ଅଧିକ ହାରରେ ବଢ଼ିପାରେ ।

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):ଆମେରିକା, ଚୀନ୍ ଓ ରୁଷ୍ ନେତାଙ୍କ ହାଇପ୍ରୋଫାଇଲ୍ ବୈଠକକୁ ନେଇ ଭାରତରେ ରାଜନୈତିକ ତାତି । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ୍ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି । ଏହାକୁ ନେଇ ରାହୁଲଙ୍କ ଉପରେ ବର୍ଷିଛି ବିଜେପି ।ରାହୁଲ ଗାନ୍ଧି ନିଜ ଏକ୍ସ ଆକାଉଣ୍ଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଏକ ବୈଠକର ଫଟୋ ସେୟାର କରିଛନ୍ତି । ସେ ଲେଖିଛନ୍ତି, କଂଗ୍ରେସ କ୍ଷମତାରେ ଥିଲେ ଭାରତର ପ୍ରଧାନମନ୍ତ୍ରୀ ଏହି ଟେବୁଲରେ ବସିଥାନ୍ତେ । ଜଣେ ସାଲିସ୍ ଯୁକ୍ତ ପ୍ରଧାନମନ୍ତ୍ରୀ କେବେ ବି ଏହି ଟେବୁଲରେ ବସିପାରିବେନି । ରାହୁଲଙ୍କ ଏହି ମନ୍ତବ୍ୟ ପରେ ବିଜେପି ନେତାମାନେ କଡ଼ା ଜବାବ ଦେଇଛନ୍ତି ।ବିଜେପି ମୁଖପାତ୍ର ତୁହିନ ସିହ୍ନା କଂଗ୍ରେସର ପୂର୍ବତନ ସରକାରଙ୍କ ବୈଦେଶିକ ନୀତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଇନ୍ଦିରା ଗାନ୍ଧିଙ୍କ ସମୟରେ ଶିମଲା ଚୁକ୍ତି ଓ ମନମୋହନ ସିଂହଙ୍କ ସମୟରେ ଶର୍ମ-ଏଲ୍-ଶେଖ୍ ଘୋଷଣାକୁ ଉଦାହରଣ ଦେଇ କଂଗ୍ରେସ ଉପରେ ଦେଶର ସ୍ୱାର୍ଥ ସହ ସାଲିସ୍ କରିଥିବା ଅଭିଯୋଗ ଆଣିଛନ୍ତି । ଏପରିକି ରାହୁଲ ଗାନ୍ଧି ଭାରତକୁ ବଦନାମ କରିବା ପାଇଁ ପାରିଶ୍ରମିକ ପାଉଥିବା ଭଳି ଅଭିଯୋଗ ମଧ୍ୟ କରିଛନ୍ତି ।ସେହିପରି ବିଜେପି ମୁଖପାତ୍ର ଆର୍ପି ସିଂହ କହିଛନ୍ତି, ଆଜି ବିଶ୍ୱ ମଞ୍ଚରେ ଭାରତର ସ୍ଥିତି ମଜବୁତ୍ ରହିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କର ବିଶ୍ୱର ବିଭିନ୍ନ ଦେଶର ନେତାଙ୍କ ସହ ଭଲ ସମ୍ପର୍କ ରହିଛି । ରାହୁଲ ଗାନ୍ଧି ଭାରତକୁ ନେଇ ନକାରାତ୍ମକ ଚିତ୍ର ଉପସ୍ଥାପନ କରୁଥିବା ସେ ଅଭିଯୋଗ କରିଛନ୍ତି ।ଏହା ପୂର୍ବରୁ ମଧ୍ୟ ଆମେରିକାର ଚିକାଗୋ ବିଶ୍ୱବିଦ୍ୟାଳୟରେ ଭାଷଣ ଦେବା ବେଳେ ଭାରତର ବୈଦେଶିକ ନୀତିକୁ ନେଇ ରାହୁଲ ପ୍ରଶ୍ନ ଉଠାଇଥିଲେ । ବିଶ୍ୱ ରାଜନୀତିରେ ଭାରତ ନିଜର ସ୍ୱାଧୀନ ନିଷ୍ପତ୍ତି ନେବାର କ୍ଷମତା ହରାଉଛି ଏବଂ ଏକ 'ସାଇଡ୍ ପ୍ଲେୟାର' ହୋଇଯାଇଛି ବୋଲି ସେ କହିଥିଲେ । ଏହାର ଜବାବରେ ବିଜେପି ରାହୁଲଙ୍କୁ 'ପାକିସ୍ତାନ ଫ୍ୟାନ୍ବୟ' କହି ସମାଲୋଚନା କରିଥିଲା ।



ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି
ଥିରୁପରାଙ୍କୁନ୍ଦ୍ରମ ପାହାଡ଼ରେ ଜଳିବ ଦୀପ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):ତାମିଲନାଡୁର ମଦୁରାଇସ୍ଥିତ ଥିରୁପରାଙ୍କୁନ୍ଦ୍ରମ ପାହାଡ଼ରେ ଦୀପ ଜଳାଇବାକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ସୁପ୍ରିମକୋର୍ଟ ଶୁକ୍ରବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ପାହାଡ଼ ଉପରେ ଥିବା 'ଦୀପଥୂଣ' ସ୍ଥାନରେ ଚଳିତ ନଭେମ୍ବର ୨୪ ତାରିଖରେ ଥରକ ପାଇଁ କାର୍ତ୍ତିଗାଇ ଦୀପମ୍ ଜଳାଇବାକୁ କୋର୍ଟ ଅନୁମତି ଦେଇଛନ୍ତି। ତେବେ ଏହି ଅନୁମତି ସ୍ଥାୟୀ ନୁହେଁ, ବରଂ ଏକକାଳୀନ ବ୍ୟବସ୍ଥା ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଏଥିସହ ଦୀପ ଜଳାଇବା ସମୟରେ ସାଧାରଣ ଲୋକଙ୍କୁ ପାହାଡ଼ ଉପରକୁ ଯିବାକୁ ଅନୁମତି ମିଳିବ ନାହିଁ। ଅର୍ଥାତ୍ ଦୀପ ଜଳିବ, କିନ୍ତୁ ସେହି ସ୍ଥାନରେ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ରହିବ ।ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ମାଡ୍ରାସ ହାଇକୋର୍ଟ ପୂର୍ବରୁ ଦେଇଥିବା ରାୟର କିଛି ଅଂଶ ଉପରେ ମଧ୍ୟ ସୁପ୍ରିମକୋର୍ଟ ରୋକ୍ ଲଗାଇଛନ୍ତି। ଦୀପ ଜଳାଇବା ପରମ୍ପରାକୁ ପୁନଃ ଆରମ୍ଭ କରିବା ସମ୍ପର୍କିତ ନିର୍ଦ୍ଦେଶର କିଛି ଅଂଶ ଏହି ରୋକ୍ରେ ସାମିଲ ରହିଛି। କୋର୍ଟଙ୍କ ଏହି ନିଷ୍ପତ୍ତି ପରେ ନଭେମ୍ବର ୨୪ ତାରିଖରେ ଦୀପ ଜଳାଇବା ପାଇଁ ରାସ୍ତା ଖୋଲିଛି। ତେବେ ଏହାକୁ ଏକ ସ୍ଥାୟୀ ଅନୁମତି ଭାବେ ଧରାଯାଇପାରିବ ନାହିଁ।

କାବେରୀ ଜଳ ବିବାଦ
ତାମିଲନାଡୁ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):ସୁପ୍ରିମକୋର୍ଟ କାବେରୀ ଜଳ ବିବାଦ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଳ ଅଭାବ ପୂରଣ କରିବା ପାଇଁ କର୍ଣ୍ଣାଟକକୁ ୧୧ ଟିଏମସି କାବେରୀ ଜଳ ଛାଡିବା ପାଇଁ ନିର୍ଦ୍ଦେଶ ଦେବା ପାଇଁ ତାମିଲନାଡୁର ଏକ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ଚାଷୀ ଓ ଫସଲ ଉପରେ ଜଳ ଅଭାବର ପ୍ରଭାବ ଦର୍ଶାଇ ତାମିଲନାଡୁ ଅତିରିକ୍ତ ପାଣି ପାଇଁ ଅନୁରୋଧ କରିଥିଲା । କଥିତ ଜଳ ଅଭାବକୁ ଦୂର କରିବା ପାଇଁ କାବେରୀ ନଦୀର ୧୧ ଟିଏମସି ଜଳ ଛାଡିବା ପାଇଁ କର୍ଣ୍ଣାଟକକୁ ନିର୍ଦ୍ଦେଶ ଦେବା ପାଇଁ ତାମିଲନାଡୁର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ବିଚାରପତି ବିକ୍ରମ ନାଥ ଓ ଅପରେଶ ସିଂହଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।କାବେରୀ ନଦୀରେ ପ୍ରାୟ ୧୧ ଟିଏମସି ଜଳ ଛାଡିବା ପାଇଁ କର୍ଣ୍ଣାଟକକୁ ନିର୍ଦ୍ଦେଶ ଦେବା ପାଇଁ ତାମିଲନାଡୁ ସରକାରଙ୍କ ଦ୍ୱାରା ଦାୟର ଆବେଦନ ଉପରେ ଶୁକ୍ରବାର ସକାଳ ପ୍ରାୟ ୧୦ଟା ୩୦ ସମୟରେ ଖୋଲା ଅଦାଲତରେ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି।



ସୁପ୍ରିମକୋର୍ଟର ଖଣ୍ଡପୀଠ କହିଛନ୍ତି, ଦୁଇଟି ଆବେଦନ ଥିଲା। ଆବେଦନ ୨୮୪୩ରେ ଆମେ ଖାରଜ କରିଛୁ ଓ ଆବେଦନ ୪୬୨୯୧ ମଧ୍ୟ ଖାରଜ କରାଯାଇଛି।ଆଜି ମଧ୍ୟ ଆମେ ଦାଖଲ ହୋଇଥିବା ତୃତୀୟ ଆବେଦନକୁ ଖାରଜ କରିବୁ। ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଯୁକ୍ତି ଦେଇଥିଲେ ଯେ, ଚଳିତ ବର୍ଷ ପର୍ଯ୍ୟାପ୍ତ ବର୍ଷା ନହେବାରୁ ଏକ ଦୁଃଖଦ ବର୍ଷ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କର୍ଣ୍ଣାଟକ କାବେରୀ ନଦୀରୁ ପାଣି ଛାଡ଼ି ନଥିବାରୁ ଫସଲ ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ, କର୍ଣ୍ଣାଟକ ପକ୍ଷରୁ ଓକିଲ ଶ୍ୟାମ ଦିବାନ କହିଥିଲେ ଯେ, ଏହା ଏକ ମରୁଡ଼ି ବର୍ଷ, ରାଜ୍ୟର ଅନେକ ଜିଲ୍ଲା ମରୁଡ଼ି କବଳରେ ଅଛି; ଫଳସ୍ୱରୂପ, ଜଳସେଚନ ପାଇଁ ପାଣି ଆବଣ୍ଟନ ହ୍ରାସ କରାଯାଇଛି। ସେ ଯୁକ୍ତି ଦେଇଥିଲେ ଯେ, ଆଗାମୀ ଉତ୍ତର-ପୂର୍ବ ମୌସୁମୀ ବାୟୁରୁ ତାମିଲନାଡୁ ଲାଭବାନ ହେବାରେ ଲାଗିଛି, କିନ୍ତୁ କର୍ଣ୍ଣାଟକ ଏଥିରୁ କୌଣସି ଲାଭ ପାଇବ ନାହିଁ।ଜଷ୍ଟିସ୍ ନାଥ ରାୟ ଶୁଣାଇବା ସମୟରେ, ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ଆପଣ ଆଜି ଆଉ ଏକ ଆବେଦନ ଦାଖଲ କରିଛନ୍ତି । ତାମିଲନାଡୁ ରାଜ୍ୟ ପାଖରେ ପ୍ରଚୁର ପାଣି ଅଛି। ତୃତୀୟ ଆବେଦନକୁ ଆଜି ପାଇଁ ସ୍ଥଗିତ ରଖାଯାଇଛି। ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ଆବେଦନରେ ତାମିଲନାଡୁ ସରକାର ଅଭିଯୋଗ କରିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ କରି କର୍ଣ୍ଣାଟକ ଚଳିତ ବର୍ଷ ତାମିଲନାଡୁକୁ କାବେରୀ ଜଳ ଛାଡ଼ିବାରେ ବିଫଳ ହୋଇଛି। ଡିଏମକେ ଓକିଲ ପି. ୱିଲସନ୍ ହାଜର ହୋଇ ବିଚାରପତିମାନଙ୍କୁ କିଛି ଯୁକ୍ତି ଉପସ୍ଥାପନ କରିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ, କହିଥିଲେ ଯେ, ସେ କୃଷକ ଗୋଷ୍ଠୀ ପକ୍ଷରୁ ହାଜର ହେଉଛନ୍ତି। ତଥାପି, ବିଚାରପତିମାନେ ସ୍ପଷ୍ଟ ଭାବରେ କହିଥିଲେ ଯେ ଯେହେତୁ ଉଭୟ ରାଜ୍ୟ ସରକାର ପୂର୍ବରୁ ଏହି ମାମଲାରେ ଯୁକ୍ତି କରୁଛନ୍ତି, ତେଣୁ ସେମାନେ ଆଉ କୌଣସି ଯୁକ୍ତି ପ୍ରଦାନ କରିପାରିବେ ନାହିଁ।

ନୂଆ ପାସପୋର୍ଟ ପାଇଁ ହସିନାଙ୍କ ତତ୍ପରତା

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ନୂଆ ପାସପୋର୍ଟ ଆବଶ୍ୟକ। ଏଥିପାଇଁ ସେ ବାଂଲାଦେଶ ସରକାରଙ୍କ ନିକଟରେ ଜରୁରୀ ଅନୁରୋଧ କରିଛନ୍ତି। ଏପରିକି ନିଜ ପକ୍ଷରୁ ଆବେଦନ କରିବାକୁ ଜଣେ ବ୍ରିଟିଶ ଓକିଲଙ୍କୁ ଦାୟିତ୍ୱ ଦେଇଛନ୍ତି । ରିପୋର୍ଟ ଅନୁସାରେ, ହସିନାଙ୍କ ଓକିଲ ଷ୍ଟିଭେନ୍ ପାଉଲ୍ସ ନଭେମ୍ବର ୧୯ ତାରିଖରେ ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ଉଚ୍ଚ ଆୟୋଗକୁ ଚିଠି ଲେଖିଛନ୍ତି । ନୂଆ ପାସପୋର୍ଟ ସହ ଜାତୀୟ ପରିଚୟପତ୍ର ପ୍ରଦାନ ପାଇଁ ସେ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।୨୦୨୪ ମସିହାରେ ବାଂଲାଦେଶରେ ବଡ଼ ଜନଆନ୍ଦୋଳନ ପରେ ହସିନା ଭାରତ ଚାଲିଆସିଥିଲେ। ଡିସେମ୍ବରରେ ସେ ଦେଶକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଥିବା ରିପୋର୍ଟରେ କୁହାଯାଇଛି । ଅନ୍ୟପଟେ ୨୦୨୪ରେ ଆନ୍ଦୋଳନକାରୀଙ୍କ ଉପରେ ଦମନଲୀଳା ମାମଲାରେ ବାଂଲାଦେଶର ଏକ ଅଦାଲତ ତାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି । ଏବେ ନୂଆ ପାସପୋର୍ଟ ଆବେଦନକୁ ବାଂଲାଦେଶ ସରକାର କି ଉତ୍ତର ଦେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର।



ନୁଡୁଲ୍ସ ଖାଇ ୭ ବର୍ଷୀୟା ଶିଶୁ ମୃତ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ବଜାରରେ ମିଳୁଥିବା ପ୍ରୋସେସ୍ଡ ଫୁଡ୍କୁ ଆମେ ଖୁବ୍ ସହଜରେ ଘରକୁ ଆଣୁଛେ । ନୁଡୁଲ୍ସ ହେଉ କି ଇନଷ୍ଟାଣ୍ଟ ମ୍ୟାଗି, ପିଲାଙ୍କଠାରୁ ବଡ଼ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଏହା ପ୍ରିୟ । କେବଳ ସିଧାସଳଖ ଖାଇବା ନୁହେଁ, ଘରେ ତିଆରି ବିଭିନ୍ନ ଖାଦ୍ୟରେ ମଧ୍ୟ ଏହି ପ୍ରୋସେସ୍ଡ ଫୁଡ୍କୁ ବ୍ୟବହାର କରାଯାଉଛି । କିନ୍ତୁ ଏସବୁ ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ ଏହାର ଗୁଣବତ୍ତା ଓ ନିରାପତ୍ତାକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ରାଜସ୍ଥାନର ଜୟପୁରରୁ ଆସିଥିବା ଏକ ଦୁଃଖଦ ଘଟଣା ଚିନ୍ତା ବଢ଼ାଇଛି । ନୁଡୁଲ୍ସ ଖାଇବା ପରେ ଅସୁସ୍ଥ ହୋଇ ୭ ବର୍ଷୀୟା ଶିଶୁର ମୃତ୍ୟୁ ହୋଇଛି । ବଡ଼ ଭଉଣୀଙ୍କ ଅବସ୍ଥା ମଧ୍ୟ ଗୁରୁତର ହୋଇପଡ଼ିଥିଲା । ରାଜସ୍ଥାନର ଜୟପୁରରୁ ଆସିଛି ଏଭଳି ଏକ ଦୁଃଖଦ ଖବର। ଘଟଣା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି ।ସୂଚନା ଅନୁସାରେ, ଜୟପୁରର ଝୋଟୱାଡ଼ା ଅନ୍ତର୍ଗତ ମଙ୍ଗଳମ ସିଟି ଅଞ୍ଚଳରେ ଗୁରୁବାର ସକାଳେ ଦୁଇ ଭଉଣୀ ଘରେ ନୁଡୁଲ୍ସ ତିଆରି କରି ଖାଇଥିଲେ । ଖାଇବା ପରେ ଉଭୟ ଶୋଇପଡ଼ିଥିଲେ । ଅପରାହ୍ନ ପ୍ରାୟ ୩ଟାରେ ମା' ଘରକୁ ଫେରି ଦୁଇ ଝିଅଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ବଡ଼ ଝିଅ ଦିବ୍ୟାଂଶୀ ଉଠିଥିବା ବେଳେ ସାନ ଝିଅ ୭ ବର୍ଷୀୟା ପିହୁ କୁମାୱତ ଉଠିନଥିଲେ ।ଏହାପରେ ପରିବାର ଲୋକେ ଉଭୟଙ୍କୁ ତୁରନ୍ତ ଡାକ୍ତରଖାନା ନେଇଥିଲେ । ସେଠାରେ ଡାକ୍ତର ପିହୁଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପଟେ ଗୁରୁତର ଅବସ୍ଥାରେ ଥିବା ଦିବ୍ୟାଂଶୀଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ପରେ ଶୁକ୍ରବାର ସକାଳେ ତାଙ୍କୁ ଡାକ୍ତରଖାନାରୁ ଛାଡ଼ି ଦିଆଯାଇଛି ।ପ୍ରାଥମିକ ତଦନ୍ତରୁ ଖାଦ୍ୟ ବିଷକ୍ରିୟା ବା ଫୁଡ୍ ପଏଜନିଂ ସନ୍ଦେହ କରାଯାଉଛି । ଘଟଣାକୁ ନେଇ କରଧନୀ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି । ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିବା ବେଳେ ନୁଡୁଲ୍ସର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଯାଇଛି। ପୋଷ୍ଟମର୍ଟମ ଓ ନମୁନା ପରୀକ୍ଷା ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ । ଅନ୍ୟପଟେ ପରିବାର ଉପରେ ପୂର୍ବରୁ ମଧ୍ୟ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି ।

ବିବାହ ନହେଲେ ବି ସନ୍ତାନ ଉପରେ ମାଆର ପ୍ରଥମ ହକ୍

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ଅବିବାହିତ ମାଆଙ୍କୁ ସନ୍ତାନର ହେପାଜତରେ ପ୍ରାଥମିକତା, ସୁପ୍ରିମକୋର୍ଟଙ୍କ ବଡ଼ ରାୟ ବିବାହ ହୋଇନଥିଲେ ବି ସନ୍ତାନର ଲାଳନପାଳନ ଓ ହେପାଜତ ନେବା କ୍ଷେତ୍ରରେ ମାଆଙ୍କୁ ପ୍ରଥମେ ମିଳିବା ଦରକାର । ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ଏଭଳି ବଡ଼ ମତ ରଖିଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟ



ମହିନ୍ଦ୍ରା ଲାଷ୍ଟ୍ ମାଇଲ୍ ମୋବିଲିଟି ଜିତିଲା ଦି ଆର୍ଥସଟ୍ ପ୍ରାଇଜ୍

ଭୁବନେଶ୍ୱର, ୨୦।୧୧ (ନି.ପ୍ର) : ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି ଲିମିଟେଡ୍ (ଏମ୍ଏଲ୍ଏମ୍ଏମ୍ଏଲ୍) 'କ୍ଲିନ ଆୱାର ଏୟାର' ବର୍ଗରେ 'ଦି ଆର୍ଥସଟ୍ ପ୍ରାଇଜ୍ ୨୦୨୬'ର ବିଜେତା ହୋଇଛି । ଇଲେକ୍ଟ୍ରିକ୍ ଦୂରଦୂରାନ୍ତ ଗମନାଗମନ ସୁବିଧା କିଭଳି ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ସହ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିଥାଏ ତାହା କମ୍ପାନି ପ୍ରଦର୍ଶନ କରିଥିବାରୁ ଏହି ସ୍ୱୀକୃତି ପାଇଛି । ଇଲେକ୍ଟ୍ରିକ୍ କ୍ଷୁଦ୍ର ବାଣିଜ୍ୟିକ ଯାନ ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବାରେ କମ୍ପାନିର ଉଦ୍ୟମକୁ ଏହି ପୁରସ୍କାର ସମ୍ମାନିତ କରିଛି । ଏମ୍ଏଲ୍ଏମ୍ଏମ୍ଏଲ୍ ଭାରତରେ ୪,୦୦,୦୦୦ରୁ ଅଧିକ ଇଲେକ୍ଟ୍ରିକ୍ ବାଣିଜ୍ୟିକ ଯାନ ବିକ୍ରି କରିଛି ଯାହା ୯ ବିଲିୟନ କିଲୋମିଟର ଯାତ୍ରା କରିଛି ଏବଂ ୧୮୫୦୦୦ ମେଟ୍ରିକ୍ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ସହାୟକ ହୋଇଛି । ଇଲେକ୍ଟ୍ରିକ ଯାନକୁ ପରିବର୍ତ୍ତନ ଦ୍ୱାରା କିଭଳି ପରିବେଶ ଲାଭ ସହିତ ଦୃଢ଼ ଅର୍ଥନୈତିକ ଲାଭ ମିଳିତ ହୋଇଥାଏ ତାହାକୁ କମ୍ପାନିର ଅଭିଜ୍ଞତା ପ୍ରଦର୍ଶିତ କରିଛି । ଆର୍ଥସଟ୍ ପୁରସ୍କାର ଅନୁଦାନ ଭାବେ ମିଳିବାକୁ ଥିବା ୧ ନିୟୁତ ୟୁରୋକୁ କମ୍ପାନି ଦାତବ୍ୟ ଅନୁଷ୍ଠାନଗୁଡ଼ିକ ସହଯୋଗରେ ମହିଳା ଚାଳକମାନଙ୍କୁ ତାଲିମ ପ୍ରଦାନ କରିବାରେ ବିନିଯୋଗ କରିବା, ସୁଲଭ ଫାଇନାନ୍ସ, ଚାର୍ଜିଂ ଭିତ୍ତିଭୂମିକୁ ଅନଗ୍ରସର ଅଂଚଳରେ ପହଂଚାଇବା ଓ ସାଥୀ ଆର୍ଥସଟ ଫାଇନାଲିଷ୍ଟ ମାନଙ୍କ ସହଯୋଗିତରେ ଅଧିକ ସମୁଦାୟ ନିକଟରେ ଇଲେକ୍ଟ୍ରିକ୍ ରିକ୍ସାକୁ ପହଂଚାଇବା ଦିଗରେ ବ୍ୟବହାର କରାଯିବ । ମହିନ୍ଦ୍ରା ଗ୍ରୁପ୍ର ଗ୍ରୁପ୍ ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ଡ. ଅନିଶ ଶାହ କହିଛନ୍ତି ଯେ, 'ଦି ଆର୍ଥସଟ୍ ପ୍ରାଇଜ୍ ଜିତିବା ଆମ ପାଇଁ ଏକ ବଡ଼ ସମ୍ମାନ । ଏହା ପ୍ରମାଣ କରୁଛି ଯେ ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରାଗଲେ କେତେ ବଡ଼ ପରିବର୍ତ୍ତନ ସମ୍ଭବ ହୋଇପାରେ । ଆମ ପୃଥିବୀ ପାଇଁ ସମାଧାନ ଖୋଜିବା ଓ ତାହାକୁ ଆଗକୁ ବଢ଼ାଇବା ଲାଗି ଏକ ମଂଚ ସୃଷ୍ଟି କରିଥିବା ପ୍ରିନ୍ସ ୱିଲିୟମ୍ଙ୍କ ଅଭିନବ ନେତୃତ୍ୱକୁ ଆମେ ପ୍ରଶଂସା କରୁଛୁ । ୧୯୪୫ରୁ ମହିନ୍ଦ୍ରା ଅନ୍ୟମାନଙ୍କୁ ଆଗକୁ ବଢ଼ିବା ଏବଂ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହଯୋଗ କରିଆସୁଛି । ଏହି ଉଦ୍ଦେଶ୍ୟକୁ ବାସ୍ତବ ରୂପ ଦେବାରେ ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି ଭାରତରେ ଯେଉଁ ସଫଳତା ହାସଲ କରିଛି ସେଥିପାଇଁ ଆମେ ଗର୍ବିତ । ଆଗକୁ ଏହି ସଫଳତାକୁ ଆହୁରି ବ୍ୟାପକ କରିବାକୁ ଆମେ ଉତ୍ସାହିତ । ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି ଲିମିଟେଡ୍ର ଅଧ୍ୟକ୍ଷ ତଥା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ର ଅଟୋ ଓ ଫାର୍ମ ସେକ୍ଟରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ରାଜେଶ ଜେଜୁରିକର କହିଛନ୍ତି ଯେ, 'ଶେଷ ପର୍ଯ୍ୟାୟ ପରିବହନ ବ୍ୟବସ୍ଥା ପରିବେଶ ଓ ସମାଜ ଉପରେ ବ୍ୟାପକ ସକାରାତ୍ମକ ପ୍ରଭାବ ପକାଇପାରିବ । ମହିନ୍ଦ୍ରାର ୪ ଲକ୍ଷ ଇଲେକ୍ଟ୍ରିକ୍ ଯାନ ପ୍ରତିଦିନ ୪ ଲକ୍ଷ ଲୋକଙ୍କ ଜୀବିକାକୁ ସହାୟତା କରୁଛି । ଏହି ଯାନଗୁଡ଼ିକ ଅନେକ ଗ୍ରାହକଙ୍କ ପାଇଁ କେବଳ ଯାତାୟାତର ମାଧ୍ୟମ ନୁହେଁ, ବରଂ ରୋଜଗାରର ଏକ ମୁଖ୍ୟ ସାଧନ । ଏହା ସେମାନଙ୍କ ପରିବାର ଚଳାଇବା ସହ ଛୋଟ ବ୍ୟବସାୟ ଓ ଆମ୍ନିଯୁକ୍ତିକୁ ମଧ୍ୟ ପ୍ରୋତ୍ସାହିତ କରୁଛି । ଦି ଆର୍ଥସଟ୍ ପ୍ରାଇଜ୍ର ବିଜେତା ଭାବେ ମନୋନୀତ ହେବା ଏଭଳି ଏକ ମଡେଲ୍କୁ ସ୍ୱୀକୃତି ଦେଇଛି, ଯେଉଁଥିରେ ସ୍ୱଚ୍ଛ ପରିବହନ, ଗ୍ରାହକଙ୍କ ଆର୍ଥିକ ସମୃଦ୍ଧି ଓ ବ୍ୟାପକ ବିକାଶ ଏକାଠି ସମ୍ଭବ ହୋଇପାରୁଛି । ଏହା ଆମର ବିଶ୍ୱାସକୁ ଆହୁରି ଦୃଢ଼ କରିଛି ଯେ ଭାରତରେ ସଫଳ ହୋଇଥିବା ଏଭଳି ସମାଧାନ ଅନ୍ୟ ଦେଶରେ ମଧ୍ୟ ଉପଯୋଗୀ ହୋଇପାରିବ । ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ସୁମନ ମିଶ୍ର କହିଛନ୍ତି ଯେ, 'ଦି ଆର୍ଥସଟ୍ ପ୍ରାଇଜ୍ ପକ୍ଷରୁ ଏହି ସ୍ୱୀକୃତି ପାଇ ଆମେ ଅତ୍ୟନ୍ତ ଗର୍ବିତ ଓ ଆନନ୍ଦିତ । ଏହା ଆମର ବିଶ୍ୱାସକୁ ଦୃଢ଼ କରିଛି ଯେ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇ ସହିତ ଲୋକଙ୍କ ଦୈନନ୍ଦିନ ଜୀବନରେ ମଧ୍ୟ ଉନ୍ନତି ଆସିବା ଆବଶ୍ୟକ । ରାସ୍ତାରେ ଚାଲୁଥିବା ପ୍ରତ୍ୟେକ ଇଲେକ୍ଟ୍ରିକ୍ ଯାନ ସ୍ୱଚ୍ଛ ବାୟୁ, କମ୍ କାର୍ବନ୍ ନିର୍ଗମନ ଏବଂ ଦୂରଦୂରାନ୍ତ ପରିବହନ ଉପରେ ନିର୍ଭରଶୀଳ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକାକୁ ଉନ୍ନତ କରିବାରେ ସହାୟକ ହେଉଛି । ଇଲେକ୍ଟ୍ରିକ୍ ଯାନକୁ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ବିକଳ୍ପ କରି ଆମେ ପ୍ରମାଣ କରୁଛୁ ଯେ ପରିବେଶ ସୁରକ୍ଷା ଓ ଆର୍ଥିକ ପ୍ରଗତି ଏକାସାଙ୍ଗରେ ଆଗକୁ ବଢ଼ିପାରିବ । ଏହି ସ୍ୱୀକୃତି ଆମକୁ ଭାରତ ସମେତ ବିଶ୍ୱର ଅନ୍ୟ ବଜାରରେ ମଧ୍ୟ ସ୍ୱଚ୍ଛ ଓ ସ୍ଥାୟୀ ପରିବହନ ବ୍ୟବସ୍ଥାର ପ୍ରସାରକୁ ଆହୁରି ତ୍ୱରାନ୍ୱିତ କରିବାକୁ ପ୍ରେରଣା ଦେବ ।

ଏୟାରଟେଲ ଆଣିଛି ଟ୍ରାଭେଲ ୱିକ: ଇଣ୍ଟରନ୍ୟାସନାଲ ରୋମିଂ, ଯାତ୍ରା ଓ ଆହୁରି ଅନେକ କିଛିରେ ବିଶେଷ ସୁବିଧା

ଭୁବନେଶ୍ୱର, ୨୦।୧୧ (ନି.ପ୍ର): ଉତ୍ସବ ଓ ଶୀତଦିନର ଯାତ୍ରା ମରସୁମ ପୂର୍ବରୁ, ଏୟାରଟେଲ ଏୟାରଟେଲ ଟ୍ରାଭେଲ ୱିକ ଆରମ୍ଭ କରୁଛି । ଏହା ଏୟାରଟେଲ ଆପରେ ୧୯ ନଭେମ୍ବରରୁ ୨୫ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ଇଣ୍ଟରନ୍ୟାସନାଲ ରୋମିଂ, ଭିସା ସହାୟତା ଓ ଫରେକ୍ସ ଭଳି ସୁବିଧା ଗୋଟିଏ ପ୍ଲାଟଫର୍ମରେ ମିଳିବ । ଏୟାରଟେଲ ଟ୍ରାଭେଲ ୱିକର ମୁଖ୍ୟ ଆକର୍ଷଣ ହେଉଛି ଇଣ୍ଟରନ୍ୟାସନାଲ ରୋମିଂ ପ୍ୟାକରେ ୧୦% ରିହାତି, ଯାହା ପ୍ରିପେଡ ଓ ପୋଷ୍ଟପେଡ, ପ୍ରତ୍ୟେକରେ ୧,୦୦୦ ଜଣ ଉପଭୋକ୍ତାଙ୍କୁ ମିଳିବ । ଗ୍ରାହକମାନେ ସେମାନଙ୍କର ସବୁଠାରୁ କ୍ରିଏଟିଭ ଆଉଟ-ଅଫ-ଅଫିସ ଇମେଲ ଦାଖଲ କରି ଆଉଟ ଅଫ ଅଫିସ କଣ୍ଟେଷ୍ଟରେ ଅଂଶଗ୍ରହଣ କରିପାରିବେ ଏବଂ ସମସ୍ତ ଖର୍ଚ୍ଚ ସହିତ ଇଣ୍ଟରନ୍ୟାସନାଲ ଟ୍ରିପ ଜିତିବାର ସୁଯୋଗ ପାଇପାରିବେ । ଦୁଇ ଜଣ ଭାଗ୍ୟବାନ ବିଜେତା ନିଜ ସ୍ୱପ୍ନର ଛୁଟିକୁ ବାସ୍ତବ କରିବାର ସୁଯୋଗ



ପାଇବେ । ଭିସା ପାଇଁ ଆବେଦନ କରୁଥିବା ଗ୍ରାହକମାନେ ଏସିଆର ଯୋଗ୍ୟ ଗନ୍ତବ୍ୟସ୍ଥଳ ପାଇଁ ଆଟଲିସ ମାଧ୍ୟମରେ ସେମାନଙ୍କ ପରବର୍ତ୍ତୀ ଭିସା ଆବେଦନରେ ୧୦୦% ରିହାତି, ?୪,୦୦୦ ପର୍ଯ୍ୟନ୍ତ, ମଧ୍ୟ ପାଇପାରିବେ । ଯାତ୍ରା ଖର୍ଚ୍ଚ ପାଇଁ ଗ୍ରାହକମାନେ ଜିରୋ ମାର୍କଅପ ଓ ମାଗଣା ଡେଲିଭରି ସହ ନିୟୋ ମଲ୍ଟିକରେନ୍ସି କାର୍ଡ ପାଇପାରିବେ । ସେମାନେ ବିଶେଷ ହାରରେ ନିୟୋ ଫରେକ୍ସ କ୍ୟାଶର ଘରକୁ ଡେଲିଭରି ମଧ୍ୟ ନେଇପାରିବେ, ଯାହା ଯାତ୍ରା ପୂର୍ବରୁ ବିଦେଶୀ ମୁଦ୍ରାର ବ୍ୟବସ୍ଥା କରିବାକୁ ସହଜ କରେ । ବ୍ୟକ୍ତିଗତ ଯାତ୍ରା ଯୋଜନା ପ୍ରଦାନ ପାଇଁ ଏୟାରଟେଲ ବୁଜଡ ପାସପୋର୍ଟସ ସହ ମଧ୍ୟ ସହଭାଗିତା କରିଛି । ପାଞ୍ଚ ଜଣ ଭାଗ୍ୟବାନ ଗ୍ରାହକ ୱାନ-ଅନ-ୱାନ ଅନଲାଇନ ପରାମର୍ଶ ପାଇବେ, ଯେଉଁଥିରେ ବୁଜଡ ପାସପୋର୍ଟସର ଯାତ୍ରା ବିଶେଷଜ୍ଞମାନେ ସେମାନଙ୍କ ଯାତ୍ରା ଯୋଜନା ଓ ପସନ୍ଦ ଅନୁସାରେ ଇଟିନେରାରି ପ୍ରସ୍ତୁତ କରିବାରେ ସାହାଯ୍ୟ କରିବେ । ଏୟାରଟେଲ ଗ୍ରାହକମାନେ ବିଶେଷ ଯାତ୍ରା ସୁବିଧା ମଧ୍ୟ ଉପଭୋଗ କରିପାରିବେ, ଯେଉଁଥିରେ ୨୫୦ ଜଣ ଗ୍ରାହକଙ୍କ ପାଇଁ ବିଶେଷ ମର୍ଚ୍ଚାଣ୍ଡାଇଜ ସହ କଣ୍ଡେ ନାଷ୍ଟ ଟ୍ରାଭେଲର ବାର୍ଷିକ ସବସ୍କ୍ରିପସନ, ଏବଂ ସମସ୍ତ ଏୟାରଟେଲ ଗ୍ରାହକଙ୍କ ପାଇଁ ବାଛିଥିବା ୧୦ଟି ସିଟି ଗାଇଡକୁ ମାଗଣା ଆକ୍ସେସ ରହିଛି । ?୫୦୦ ମୂଲ୍ୟର ଆମାଜନ ଭାଉଚର ମିଳିବ ୫୦୦ ଜଣ ଭାଗ୍ୟବାନ ଏୟାରଟେଲ ଗ୍ରାହକଙ୍କ ପାଇଁ । ଏୟାରଟେଲ ଟ୍ରାଭେଲ ୱିକ ଏୟାରଟେଲ ଆପରେ ୧୯ ନଭେମ୍ବରରୁ ୨୫ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ । ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗ୍ରାହକମାନେ ଏୟାରଟେଲ ଆପ ଖୋଲି ଟ୍ରାଭେଲ ୱିକ ସର୍ଚ୍ଚ କରିବେ - https://i.airtel.in/ir_travelweekpr , ଅଫର ପାଇଁ ରେଜିଷ୍ଟର କରିବେ ଏବଂ ଗୋଟିଏ ସରଳ ପ୍ରଶ୍ନର ଉତ୍ତର ଦେବେ । ସଫଳ ଅଂଶଗ୍ରହଣକାରୀ ମାନେ ପରେ ପ୍ରତିଯୋଗିତା ପାଇଁ ଯୋଗ୍ୟ ହେବେ । ପାଇଁ ରେଜିଷ୍ଟର କରିବେ ଏବଂ ଗୋଟିଏ ସରଳ ପ୍ରଶ୍ନର ଉତ୍ତର ଦେବେ । ସଫଳ ଅଂଶଗ୍ରହଣକାରୀ ମାନେ ପରେ ପ୍ରତିଯୋଗିତା ପାଇଁ ଯୋଗ୍ୟ ହେବେ ।

କଗନିଜାଣ୍ଟ ପକ୍ଷରୁ ଚେନ୍ନାଇରେ ନୂଆ କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷଣ କେନ୍ଦ୍ର

ଚେନ୍ନାଇ, ୨୦।୧୧ (ନି.ପ୍ର) : ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ ପ୍ରମୁଖ ସଂସ୍ଥା କଗନିଜାଣ୍ଟ ଚେନ୍ନାଇ ସ୍ଥିତ ଏହାର ସିରୁସେରୀ କ୍ୟାମ୍ପସରେ ନୂଆ ଇମର୍ସିଭ ଲର୍ଣ୍ଣିଂ ସେଣ୍ଟରର ପ୍ରଥମ ପର୍ଯ୍ୟାୟ ଉଦଘାଟନ କରିଛି । କର୍ମଚାରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ତାଲିମ ଦେବା ଏବଂ ବିଶ୍ୱସ୍ତରୀୟ ଗ୍ରାହକମାନଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ସମାଧାନ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବା ପାଇଁ ଏହି କେନ୍ଦ୍ର ତିଆରି କରାଯାଇଛି । ପ୍ରାୟ ୧,୬୫,୦୦୦ ବର୍ଗଫୁଟ ଅଞ୍ଚଳରେ ବ୍ୟାପିଥିବା ଏହି କେନ୍ଦ୍ରରେ ଆଧୁନିକ କାର୍ଯ୍ୟାଳୟ ଡିଜାଇନ ସହିତ ଡିଜିଟାଲ ଭିତ୍ତିଭୂମିର ସମନ୍ୱୟ ରହିଛି । ଏଥିରେ ୧,୮୨୨ଟି ଶିକ୍ଷଣ ଆସନ ବିଶିଷ୍ଟ ୫୮ଟି ଶ୍ରେଣୀଗୃହ ସମେତ ବୈଠକ କକ୍ଷ, ମିଳିତ କାର୍ଯ୍ୟ ସ୍ଥାନ, ପାଠାଗାର, ୱାର୍କ କାଫେ ଏବଂ ନମନୀୟ ଟାଉନ ହଲ ସ୍ଥାନ ରହିଛି । ଆଗାମୀ ପର୍ଯ୍ୟାୟରେ କମ୍ପାନୀ ଏହି କେନ୍ଦ୍ରକୁ ଆହୁରି ସମ୍ପ୍ରସାରଣ କରାଯିବ । କଗନିଜାଣ୍ଟ ଭାରତର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ବିଶ୍ୱସ୍ତରୀୟ ପରିଚାଳନା ସଭାପତି ରାଜେଶ ଭାରିୟର କହିଛନ୍ତି ଯେ, ଏହି କେନ୍ଦ୍ର ଏପରି ସ୍ଥାନ ତିଆରି କରିବାରେ ସଂସ୍ଥାର ନିରନ୍ତର ନିବେଶକୁ ଦର୍ଶାଉଛି ଯେଉଁଠାରେ



କର୍ମଚାରୀମାନେ ଶିଖିବା ସହିତ ମିଳିତ ଭାବେ କାମ କରି କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ବ୍ୟବସାୟିକ ପରିବର୍ତ୍ତନ ଆଣିପାରିବେ । ମୁଖ୍ୟ ପିପୁଲ ଅଫିସର କାଥି ଡିୟାଜ କହିଛନ୍ତି ଯେ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ନିରନ୍ତର ଶିକ୍ଷାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କରିଛି ଏବଂ ଏହି ସ୍ୱତନ୍ତ୍ର କେନ୍ଦ୍ର କର୍ମଚାରୀମାନଙ୍କୁ ନୂଆ ଦକ୍ଷତା ଗଢ଼ିବାରେ ସାହାଯ୍ୟ କରିବ ।

ନବଜାତ ହାତୀ 'ରାଜା' ର ଜୀବନ ରକ୍ଷା ପାଇଁ ଅନନ୍ତ ଅମ୍ବାନୀ ପଠାଇଲେ ସ୍ୱତନ୍ତ୍ର ବିମାନ

ଜାମନଗର/ଗୁଆହାଟୀ, ୨୦।୧୧ (ନି.ପ୍ର): ମାତ୍ର ସାତ ସପ୍ତାହର ଶିଶୁ ହାତୀ 'ରାଜା' ଏବେ ନିଜ ଗୋଡ଼ରେ ଠିକ୍ ଭାବେ ଠିଆ ହେବାକୁ ମଧ୍ୟ ସକ୍ଷମ ହୋଇନାହିଁ । ଯେଉଁ ବୟସରେ ସେ ନିଜ ମାଆ ସହ ଖେଳିବା ଓ ଦୌଡ଼ିବା କଥା, ସେହି ବୟସରେ ତାକୁ ଜୀବନ ପାଇଁ ସଂଘର୍ଷ କରିବାକୁ ପଡୁଛି । ଜନ୍ମର ପ୍ରଥମ ଦିନରେ ହିଁ ମାଆର ଭୟଭୀତ ଅବସ୍ଥାରେ ମାରିଥିବା ଏକ ଗୋଇଠା ଯୋଗୁଁ ତା'ର ପଛ ଗୋଡ଼ର ହାଡ଼ ଭାଙ୍ଗିଯାଇଥିଲା । ଦୁର୍ଭାଗ୍ୟବଶତଃ, ସେ ମାଆର କ୍ଷୀର ପିଇବାରୁ ମଧ୍ୟ ବଞ୍ଚିତ ହୋଇଛି ।



ଆସାମରେ ଅକ୍ଟୋବର ୨ ତାରିଖରେ ଜନ୍ମ ହୋଇଥିବା ରାଜାର ସ୍ୱାସ୍ଥ୍ୟାବସ୍ଥା ଏବେ ମଧ୍ୟ ଗୁରୁତର ରହିଛି । ଗତ ସାତ ସପ୍ତାହ ଧରି ବନତାରାର ଡାକ୍ତରମାନେ ତା'ର ଚିକିତ୍ସା ଓ ଯତ୍ନ ନେଉଛନ୍ତି । ଭଙ୍ଗା ଗୋଡ଼ ସହିତ ସଂକ୍ରମଣ ଓ ଦୁର୍ବଳତା ତା'ର ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି । ଏବେ ତା'ର ଜୀବନ ରକ୍ଷା ପାଇଁ ଅନନ୍ତ ଅମ୍ବାନୀଙ୍କ ଉଦ୍ୟମରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସାମରୁ ଗୁଜରାଟର ଜାମନଗରସ୍ଥିତ ବନତାରାକୁ ଅଣାଯାଉଛି । ପ୍ରାୟ ୨,୫୦୦ କିଲୋମିଟରରୁ ଅଧିକ ଦୂରତାର ସଡ଼କ ଯାତ୍ରା ଏହି ଶିଶୁ ହାତୀ ପାଇଁ ବିପଦଜନକ ହୋଇଥାନ୍ତା । ତେଣୁ ମାତ୍ର ଚାରି ଘଣ୍ଟାର ବିମାନ ଯାତ୍ରାର ବ୍ୟବସ୍ଥା କରାଯାଇଛି । ରାଜା ପାଇଁ ବିମାନରେ ସ୍ୱତନ୍ତ୍ର ଶଯ୍ୟା ଏବଂ ତା'ର ଆହତ ଗୋଡ଼କୁ ସାହାରା ଦେବା ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି । ସମଗ୍ର ଯାତ୍ରା ସମୟରେ ଡାକ୍ତର ଓ ଯତ୍ନକାରୀଙ୍କ ଏକ ଦଳ ତା' ସହିତ ରହିବେ । ବନତାରାରେ ପହଞ୍ଚିବା ପରେ ତାକୁ ଏକ ସ୍ୱତନ୍ତ୍ର ହସ୍ପିଟାଲରେ ଭର୍ତ୍ତି କରାଯାଇ ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆଯିବ ।

ବନତାରାର ସିଇଓ ଭିଭାନ କରାନୀ କହିଛନ୍ତି, 'ରାଜା ଗତ ସାତ ସପ୍ତାହ ଧରି ଗୁରୁତର ଆଘାତ ଓ ସ୍ୱାସ୍ଥ୍ୟ ସମସ୍ୟା ସହ ସଂଘର୍ଷ କରୁଛି । ଅନନ୍ତ ଅମ୍ବାନୀଙ୍କ ସହଯୋଗରେ ତାକୁ ଯଥାଶୀଘ୍ର ବନତାରାକୁ ଅଣାଯାଉଛି । ଏଠାରେ ବିଶେଷଜ୍ଞ ଡାକ୍ତରମାନେ ତା'ର ଚିକିତ୍ସା ଓ ଯତ୍ନ ନେବେ । ରାଜା ସୁସ୍ଥ ହୋଇ ପୁଣିଥରେ ନିଜ ଗୋଡ଼ରେ ଚାଲିପାରିବ, ସେଥିପାଇଁ ଆମେ ସମସ୍ତ ପ୍ରକାର ଉଦ୍ୟମ କରୁଛୁ ।

ଭୁବନେଶ୍ୱରରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ମ୍ୟୁଚୁଆଲ୍ ଫଣ୍ଡର ନୂଆ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର, ୨୦।୧୧ (ନି.ପ୍ର): ବ୍ୟାଙ୍କ ଅଫ୍ ଇଣ୍ଡିଆ ମ୍ୟୁଚୁଆଲ୍ ଫଣ୍ଡର ନିବେଶ ପରିଚାଳନା ସଂସ୍ଥା ବ୍ୟାଙ୍କ ଅଫ୍ ଇଣ୍ଡିଆ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରରେ ଏହାର ନୂଆ ଶାଖା



ଉଦ୍‌ଘାଟନ କରିଛି । ଏହି ଶାଖାକୁ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ବିଜୟ କୁମାର ମଲିକ, ବ୍ୟାଙ୍କ ଅଫ୍ ଇଣ୍ଡିଆର ସହାୟକ ମହାପ୍ରବନ୍ଧକ ଶ୍ରୀ ଅଶୋକ କୁମାର ଜେନା ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିବେଶ ପରିଚାଳକ ଘରୋଇ ଲିମିଟେଡ୍ ?ର ବରିଷ୍ଠ ଉପସଭାପତି ତଥା ବିକ୍ରୟ, ବ୍ୟବସାୟ ବିକାଶ ଓ ବଜାର ବିଭାଗର ମୁଖ୍ୟ ଶ୍ରୀ ରାଜେଶ ସିହ ଉଦ୍?ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସଂସ୍ଥା ଓ ବ୍ୟାଙ୍କର ବରିଷ୍ଠ ଅଧିକାରୀ, ପ୍ରମୁଖ ବିତରକ, ସହଯୋଗୀ ସଂସ୍ଥା ଏବଂ ଶିଳ୍ପ କ୍ଷେତ୍ରର ଅନ୍ୟ ଅଂଶୀଦାରମାନେ ଉପସ୍ଥିତ ଥିଲେ । ସଂସ୍ଥାର ପୂର୍ବାଞ୍ଚଳ ମୁଖ୍ୟ ଶ୍ରୀ ବିଜୟ କୁମାରଙ୍କ ନେତୃତ୍ୱରେ ଏହି ଶାଖା କାର୍ଯ୍ୟ କରିବ । ଏହା ନିବେଶକ, ଆର୍ଥିକ ପରାମର୍ଶଦାତା ଓ ବିତରଣ ସହଯୋଗୀଙ୍କ ପାଇଁ ଏକ ପ୍ରମୁଖ ଯୋଗାଯୋଗ କେନ୍ଦ୍ର ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ନିବେଶ ଯୋଜନା ସମ୍ପର୍କରେ ପରାମର୍ଶ ଓ ସହାୟତା ଯୋଗାଇଦେବ । ଏହି ସମ୍ପ୍ରସାରଣ ମାଧ୍ୟମରେ ସଂସ୍ଥା ଓଡ଼ିଶାରେ ନିଜର ଉପସ୍ଥିତି ବଢ଼ାଇବା ସହ ନିବେଶକଙ୍କ ନିକଟରେ ସେବା ପହଞ୍ଚାଇବା, ଆର୍ଥିକ ସଚେତନତା ବୃଦ୍ଧି କରିବା ଏବଂ ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟିରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି ।

ଟିପିଏସ୍ଓଡିଏଲ୍ ସିଇଓଙ୍କ ଗଞ୍ଜାମର ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା

ବ୍ରହ୍ମପୁର, ୨୦।୧୧ (ନି.ପ୍ର) ବାତ୍ୟା ଅକ୍ୟାନ ପରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିବା ସହ ବିଦ୍ୟୁତ ଯୋଗାଣ ପୁନଃସ୍ଥାପନ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍)ର ସିଇଓ ଶ୍ରୀ ଅମିତ କୁମାର ଗର୍ଗ । ଏହି ଗସ୍ତ ସମୟରେ ସେ ନରେନ୍ଦ୍ରପୁର ସେକ୍ସନ୍ ଅନ୍ତର୍ଗତ ତଳ ପୁଟବାଗଡ଼ ଗ୍ରାମ ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ ଏବଂ ଜନପ୍ରତିନିଧି, ସରପଞ୍ଚ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ଶ୍ରୀ ଗର୍ଗ ବିଭିନ୍ନ ଅଞ୍ଚଳରେ ହୋଇଥିବା ବିଦ୍ୟୁତ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ । ବାତ୍ୟା ପରେ ବିଦ୍ୟୁତ

ଆଜିନିଆ ସମୟ

ଶନିବାର, ୨୧ ନଭେମ୍ବର ୨୦୨୬, ଭୁବନେଶ୍ୱର Saturday, 21 November, 2026, Bhubaneswar



ଆଜିଠୁ ଧବଳେଶ୍ୱର ପୀଠରେ ସାଧାରଣ ଦର୍ଶନ ପୁନଃ ଆରମ୍ଭ

ବାତ୍ୟାର ସ୍ଥିତିରେ ପରିବର୍ତ୍ତନ ପରେ ପ୍ରଶାସନର ନିଷ୍ପତ୍ତି

ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧା ପାଇଁ ବ୍ୟାପକ ପ୍ରସ୍ତୁତ

ଆଠଗଡ଼,୨୦/୧୧ (ନି.ପ୍ର) : ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ନଭେମ୍ବର ୨୦ ତାରିଖରେ ଶ୍ରୀ ଶ୍ରୀ ଧବଳେଶ୍ୱର ପୀଠରେ ସାଧାରଣ ଦର୍ଶନ ବନ୍ଦ ରଖିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । ତେବେ ସାଧାରଣ ଦର୍ଶନ ବନ୍ଦ ରହିଥିଲେ ମଧ୍ୟ ମହାପ୍ରଭୁଙ୍କ ସମସ୍ତ ନୈନ୍ଦିନ ନୀତିକାନ୍ତି ପାରମ୍ପରିକ ରୀତିନୀତି ଅନୁଯାୟୀ ସୁଚାରୁରୂପେ ସମ୍ପନ୍ନ କରାଯାଇଥିଲା । ଏହାସହ ଶ୍ରଦ୍ଧାଳୁମାନେ ଘରେ ରହି ମହାପ୍ରଭୁଙ୍କ ଦର୍ଶନ ଓ ନୀତିକାନ୍ତି ଦେଖିବାର ସୁଯୋଗ ପାଇବା ନିମନ୍ତେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଆଜି ଧବଳେଶ୍ୱର ପୀଠରୁ ସମସ୍ତ ନୀତିକାନ୍ତିର ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଥିଲା । ଏହି ସିଧାପ୍ରସାରଣ କଟକ ଜିଲ୍ଲା ପ୍ରଶାସନର ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ପ୍ରସାରିତ ହୋଇଥିଲା । ଫଳରେ ମନ୍ଦିରକୁ ଯାଇ ପ୍ରତ୍ୟକ୍ଷ ଦର୍ଶନ କରିବା ସମ୍ଭବ ନ ହୋଇଥିଲେ ମଧ୍ୟ ଦୂରଦୂରାନ୍ତରେ ଥିବା ଭକ୍ତମାନେ ଅନଲାଇନ୍ ମାଧ୍ୟମରେ ମହାପ୍ରଭୁଙ୍କ ନୀତିକାନ୍ତି ଦର୍ଶନ କରିବାର ସୁଯୋଗ ପାଇଥିଲେ । ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବନା ଓ ସୁବିଧାକୁ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ଏହି ବିକଳ୍ପ ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ବର୍ତ୍ତମାନ ବାତ୍ୟାର ସ୍ଥିତିରେ ପରିବର୍ତ୍ତନ ଆସିଥିବାରୁ ଆସନ୍ତା ନଭେମ୍ବର ୨୧ ତାରିଖଠାରୁ ଧବଳେଶ୍ୱର ପୀଠରେ ସାଧାରଣ ଶ୍ରଦ୍ଧାଳୁଙ୍କ ଦର୍ଶନ ପୁନଃ ଆରମ୍ଭ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଆଗାମୀ ପଞ୍ଚକ ଓ ବଡ଼ଓଷା ଅବସରରେ ପୀଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସୁବିଧା ଓ ଶୃଙ୍ଖଳିତ ଦର୍ଶନ ସୁନିଶ୍ଚିତ କରିବା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଶ୍ରଦ୍ଧାଳୁଙ୍କ ଯାନବାହନ ପାଇଁ ସ୍ୱତନ୍ତ୍ର ପାର୍କିଂ ଯୋଜନା ପ୍ରସ୍ତୁତ କରାଯାଇଛି । ଦର୍ଶନ ପଥରେ ଶୃଙ୍ଖଳା ଓ ସୁରକ୍ଷା ପାଇଁ ସମସ୍ତ ବ୍ୟାରିକେଡ୍?ରେ ସମ୍ପୂର୍ଣ୍ଣ ଛାତ ବ୍ୟବସ୍ଥା କରାଯାଇଛି । ଶୌଚାଳୟ ସୁବିଧା ନିମନ୍ତେ ଆଡଭ୍ୟୁଏସ୍ଏସ୍ ପକ୍ଷରୁ ୪୦ଟି ଶୌଚାଳୟ ସହ କେଏମ୍ସି/କେଡିଏ ପକ୍ଷରୁ ଅତିରିକ୍ତ ୫୫ଟି ମୋବାଇଲ୍ ଶୌଚାଳୟର ବ୍ୟବସ୍ଥା କରାଯାଇଛି । ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଗତବର୍ଷ ତୁଳନାରେ ଅଧିକ ସୁଦୃଢ଼ କରାଯାଇଥିବାବେଳେ ପାର୍କିଂ ସ୍ଥଳରେ ମଧ୍ୟ ପାନୀୟ ଜଳ ଉପଲବ୍ଧ କରାଯିବ । ଶ୍ରଦ୍ଧାଳୁଙ୍କ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ୩ଟି ମେଡିକାଲ୍ ଟିମ୍ ଓ ୩ଟି ଆମ୍ବୁଲାନ୍ସ ନିୟୋଜିତ ରହିବ । ସେହିପରି ପାର୍କିଂ ସ୍ଥଳରୁ ପୀଠ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଯାତାୟାତ ସୁବିଧା ନିମନ୍ତେ ୧୨ଟି ବ୍ୟାଟେରୀ ଚାଳିତ ଓ ଇଲେକ୍ଟ୍ରିକ୍ ଯାନର ବ୍ୟବସ୍ଥା କରାଯାଇଛି । ପୀଠ ଓ ପାର୍କିଂ ସ୍ଥଳରେ ଗତବର୍ଷ ତୁଳନାରେ ଅଧିକ ଆଲୋକୀକରଣ ବ୍ୟବସ୍ଥା ମଧ୍ୟ କରାଯାଇଛି । ଜରୁରୀକାଳୀନ ପରିସ୍ଥିତି ଓ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଓଡ୍ରାଫ୍ ଓ ଏନ୍ଡିଆର୍ଏଫ୍ ଟିମ୍ ସହ ଅଗ୍ନିଶମ ବିଭାଗର ୨୫ ଜଣ କର୍ମଚାରୀ, ଅଗ୍ନିଶମ ଗାଡ଼ି ଓ ଉଦ୍ଧାରକାରୀ ଡଙ୍ଗା ମ�ୁତୟନ କରାଯାଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ଝୁଲାପୋଲ ଉପରେ ଯାତାୟାତ ନିଷେଧ କରାଯିବା ସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା (BNSS) ର ଧାରା ୧୬୩ ଅନୁଯାୟୀ ଆବଶ୍ୟକ ନିଷେଧାଦେଶ ଜାରି କରାଯାଇଛି । ପୀଠରେ ପ୍ଲାଷ୍ଟିକ୍ ବ୍ୟବହାର ନିୟନ୍ତ୍ରଣ ଓ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ପାଇଁ ଆଠଗଡ଼ ଏନ୍?ଏସି, ଯୋଗାଣ ବିଭାଗ ଓ କେଏମ୍?ସି ପକ୍ଷରୁ ସ୍ୱତନ୍ତ୍ର ପ୍ରବର୍ତ୍ତନକାରୀ ଦଳ ନିୟୋଜିତ କରାଯାଇଛି । ଏଥିସହ ଆର୍?ସିସି ସେତୁ ଉପରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧା ପାଇଁ ଷ୍ଟିଲ୍ ହ୍ୟାଙ୍ଗର୍ ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁମାନେ ନିର୍ଦ୍ଧାରିତ ପାର୍କିଂ ସ୍ଥଳ ବ୍ୟବହାର କରିବା ସହ ପ୍ରଶାସନ ପକ୍ଷରୁ ଜାରି ସମସ୍ତ ନିର୍ଦ୍ଦେଶାବଳୀ ଓ ନିୟୋଜିତ କର୍ମଚାରୀଙ୍କ ପରାମର୍ଶ ପାଳନ କରି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

କ୍ଷୁଦ୍ର ଓ ମଧ୍ୟମ ହସ୍ପିଟାଲ ପାଇଁ ସ୍ୱାସ୍ଥ୍ୟସେବା ଉତ୍କର୍ଷ ସମ୍ମିଳନୀ



କଟକ, ୨୦।୧୧ (ନି.ପ୍ର) : କନସୋର୍ଟିୟମ୍ ଅଫ୍ ଆକ୍ରେଡିଟେଡ୍ ହେଲ୍ଥକେୟାର ଅର୍ଗାନାଇଜେସନ୍ସ (ଉଇଏଚ୍ଓ) ଓ କଟକର ସନ୍ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ କ୍ଷୁଦ୍ର ଓ ମଧ୍ୟମ ହସ୍ପିଟାଲଗୁଡ଼ିକର ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ନିମନ୍ତେ ଏକ ଉତ୍କର୍ଷ ସମ୍ମିଳନୀ ରାଣୀହାଟସ୍ଥିତ ଆଇଏମ୍ଏ ହାଉସ୍ ଠାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ସମ୍ମିଳନୀରେ ରୋଗୀ ସୁରକ୍ଷା, ଚିକିତ୍ସାର ଗୁଣବତ୍ତା, ସଂକ୍ରମଣ ନିୟନ୍ତ୍ରଣ, ଚିକିତ୍ସା ସମ୍ବନ୍ଧୀୟ ଦସ୍ତାବିଜ୍ ପରିଚାଳନା, ଡାକ୍ତରଙ୍କ ଆଇନଗତ ସୁରକ୍ଷା, ଔଷଧଜନିତ ତ୍ରୁଟି, ଅଗ୍ନି ନିରାପତ୍ତା ଓ ହସ୍ପିଟାଲ ପରିଚାଳନାର ଦକ୍ଷତା ଆଦି ବିଷୟରେ ଆଲୋଚନା ହୋଇଥିଲା । ତ୍ରିପୁରା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଇନ୍ଦ୍ରଜିତ ମହାନ୍ତି ମୁଖ୍ୟ ଅତିଥି ଏବଂ ଭୁବନେଶ୍ୱର କିମ୍ସ ହସ୍ପିଟାଲର ନିର୍ଦ୍ଦେଶକ ସୌମ୍ୟକାନ୍ତ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସନ୍ ହସ୍ପିଟାଲର ସିଏମ୍ଡି ଡା. ଦୀପକ ମିତ୍ର, ସହ-ସିଏମ୍ଡି ଡା. ଭିନିତା ସାଓନୀ ଓ ମୁଖ୍ୟ ପରିଚାଳକ ବିଶ୍ୱଜିତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭୁବନେଶ୍ୱର ଏମ୍ସ ହସ୍ପିଟାଲର ଡା. ଜବାହାର ପିଲ୍ଲାଇ ଓ କୋଲକାତା ଉଡଲ୍ୟାଣ୍ଡସ୍ ହସ୍ପିଟାଲର କ୍ୱାଲିଟି ମୁଖ୍ୟ ସୁଦୀପ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ସମସ୍ତଙ୍କ ସହଯୋଗ ଓ ସଚେତନତାର ଆବଶ୍ୟକତା ଉପରେ ମତ ରଖିଥିଲେ । ଏହି ପଦକ୍ଷେପ କ୍ଷୁଦ୍ର ଓ ମଧ୍ୟମ ହସ୍ପିଟାଲ ଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ସହ ରୋଗୀଙ୍କୁ ଉନ୍ନତ ଓ ନିରାପଦ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା ।

କାଲିମେଳାରେ ୩୯୦ କଇଁଛ ଜବତ, ଗାଡ଼ି ଛାଡ଼ି ଚାଳକ ଫେରାର

ମାଲକାନଗିରି, ୨୦/୧୧ (ନି.ପ୍ର) : ମାଲକାନଗିରି ଜିଲ୍ଲାରେ ବନ୍ୟଜନ୍ତୁ ଚୋରାଚାଲାଣ ଉପରେ ବନ ବିଭାଗର କାର୍ଯ୍ୟାନୁଷ୍ଠାନ । କାଲିମେଳା ଅଞ୍ଚଳରୁ ୩୯୦ଟି ଭାରତୀୟ ଫ୍ଲାପ୍-ସେଲ୍ କଇଁଛ ଜବତ ହୋଇଥିବା ବେଳେ ଚୋରାଚାଲାଣରେ ବ୍ୟବହୃତ ଏକ ମହିନ୍ଦ୍ରା ବୋଲେରୋ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି । ତେବେ ଗାଡ଼ିର ଚାଳକ ବନ କର୍ମଚାରୀଙ୍କୁ ଦେଖି ଗାଡ଼ି ଛାଡ଼ି ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଛି । ସୂଚନା ଅନୁଯାୟୀ, ୨୦ ନଭେମ୍ବର ୨୦୨୬ ତାରିଖରେ କଇଁଛଙ୍କ ବେଆଇନ ମାଲିକାନା ଓ ବାଣିଜ୍ୟ ଉଦ୍ଦେଶ୍ୟରେ ପରିବହନ ସମ୍ପର୍କରେ ବନ ବିଭାଗକୁ ବିଶ୍ୱସନୀୟ ସୂଚନା ମିଳିଥିଲା । ଏହାକୁ ଆଧାର କରି କାଲିମେଳା ସେକ୍ସନର ବନ କର୍ମଚାରୀମାନେ ଗତ୦-୭୪ କୁମ୍ଭାର ସାହି ନିକଟରେ ଚଢ଼ାଉ କରିଥିଲେ । ଏହି ସମୟରେ OR-02-AJ-1410 ନମ୍ବର ବିଶିଷ୍ଟ ଏକ ସନ୍ଦେହଜନକ ମହିନ୍ଦ୍ରା ବୋଲେରୋକୁ ଅଟକାଇବାକୁ ଉଦ୍ୟମ କରାଯାଇଥିଲା । ମାତ୍ର ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ପରେ ଗାଡ଼ି ଭିତରୁ ୯ଟି ବସ୍ତାରେ ପ୍ୟାକ୍ ହୋଇ ରଖାଯାଇଥିବା ୩୯୦ଟି



ଭାରତୀୟ ଫ୍ଲାପ୍-ସେଲ୍ କଇଁଛ ଜବତ କରାଯାଇଥିଲା । ବନ ବିଭାଗ ପକ୍ଷରୁ ଆଇନ ଅନୁଯାୟୀ ଜବତ ପ୍ରକ୍ରିୟା ସମ୍ପନ୍ନ କରି କଇଁଛ ଓ ଗାଡ଼ିକୁ କାଲିମେଳା ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଛି । ଏହି ଚୋରାଚାଲାଣ ପଛରେ କିଏ ରହିଛି, କଇଁଛଗୁଡ଼ିକ କେଉଁଠାରୁ ଆସିଥିଲା ଏବଂ କେଉଁଠାକୁ ଚାଲାଣ ହେଉଥିଲା, ସେନେଇ ବନ ବିଭାଗ ତଦନ୍ତ ଜାରି ରଖିଛି । ଫେରାର ଚାଳକଙ୍କୁ ଚିହ୍ନଟ କରି ଧରିବା ପାଇଁ ମଧ୍ୟ ଉଦ୍ୟମ ଚାଲିଛି ।

ଲଗାଣ ବର୍ଷାରେ ହଜାର ହଜାର ହେକ୍ଟର ଧାନ ଫସଲ ନଷ୍ଟ : ଚିନ୍ତାରେ ଚାଷୀକୂଳ

ଗୋପ, ୨୦/୧୧ (ନି.ପ୍ର): ବାତ୍ୟା ଅକଭାନ ଯୋଗୁଁ ଗତ ତିନି ଧରି ଲଗାଣ ବର୍ଷା ଯୋଗୁଁ କୋଣାର୍କ ନିକଟସ୍ଥ ସୁତନ, ତରକୋର କାଦୁଆନୂଆଗାଁ, କୁରୁଜଙ୍ଗ, ଅବଦାନ, ସିମିଳି, ବନାଖଣ୍ଡି, ମହଲପଡା, ଅଚ୍ୟୁତପୁର, ସୋରଭା ସମେତ ଏକାଧିକ ଗ୍ରାମ ପଞ୍ଚାୟତର ହଜାର ହଜାର ହେକ୍ଟର ଧାନ ଫସଲ କ୍ଷୟକ୍ଷତି ହୋଇଥିବା ବେଳେ ଚିନ୍ତାଗ୍ରସ୍ତ ଅବସ୍ଥାରେ ଚାଷୀକୂଳ ରହିଥିବା ଜଣାପଡ଼ିଛି ।ଖବରରୁ ପ୍ରକାଶଯେ ବୁଧବାର ମଧ୍ୟାହ୍ନ ସମୟରୁ ଲଗାଣ ବର୍ଷା ଲାଗିରହିଛି ।ଏହି ଲଗାଣ ବର୍ଷା ଯୋଗୁଁ କୃଷକ ମାନଙ୍କ ପରିଶ୍ରମରେ ହସି ଉଠିଥିବା ଧାନ ଫସଲ ଏବେ ପାଣିରେ ବୁଡ଼ି ନଷ୍ଟଭ୍ରଷ୍ଟ ହେବା ସହ ଧାନ ଫସଲ ଗଜା ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ।କୋଣାର୍କ ନିକଟସ୍ଥ ଏକାଧିକ ଗ୍ରାମ ପଞ୍ଚାୟତର ଚାଷୀମାନେ ଚିନ୍ତାଗ୍ରସ୍ତ ଅବସ୍ଥାରେ ରହିଥିବା ବେଳେ ଫସଲ ହାନି



ପରିସ୍ଥିତି ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି । ଚାଷୀ ଭାଇ ମାନେ ଧାର କରଜ କରି ଧାନ କ୍ଷେତରେ ଯେଉଁ ସୁନାର ଫସଲ ଉତ୍ପାଦନ ଅପେକ୍ଷାରେ ରହିଥିଲେ ତାହା ଲଗାଣ ବର୍ଷା ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହେବା ଭଳି ପରିସ୍ଥିତି ଉପୁଜିଛି ବୋଲି କୃଷକ ମାନଙ୍କ ମହଲରେ ନୈରାଶ୍ୟର ବାତାବରଣ ଖେଳିଯାଇଛି ।ଏହି ଧାନ ଫସଲ କ୍ଷୟକ୍ଷତି ଘଟଣା ଉପରେ ଗୁରୁତ୍ୱାରୋପ କରି କୃଷି ବିଭାଗ ଓ ରାଜସ୍ୱ ବିଭାଗ ଗ୍ରାମ ପଞ୍ଚାୟତ ୱାରୀ କ୍ଷେତ୍ର ପରିଦର୍ଶନ କରି ଫସଲ ହାନି ସମ୍ବନ୍ଧରେ ତଦନ୍ତ ପୂର୍ବକ କୃଷକ ମାନଙ୍କୁ ସରକାରୀ ରିଲିଫ କୋଡ ଅନୁଯାୟୀ ସରକାରୀ ସହାୟତା ପ୍ରଦାନ କରିବା ପାଇଁ କୃଷକ ମାନଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ, କୃଷି ବିଭାଗ ମନ୍ତ୍ରୀ,ରାଜସ୍ୱ ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ, ପୁରୀ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୁଖଙ୍କୁ ନିବେଦନ କରାଯାଇଛି ।

ବାଲିଯାତ୍ରାରେ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ ସାଂସ୍କୃତିକ କାର୍ଯ୍ୟକ୍ରମ

ଲାଉଡ୍ ସ୍ପିକର ବ୍ୟବହାରକୁ ଅନୁମତି

କଟକ, ୨୦।୧୧ (ନି.ପ୍ର): ଐତିହାସିକ କଟକ ବାଲିଯାତ୍ରା-୨୦୨୬ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲୋକଙ୍କ ମନୋରଞ୍ଜନକୁ ଦୃଷ୍ଟିରେ ରଖି ରାତି ୧୧ଟା ପର୍ଯ୍ୟନ୍ତ ସାଉଣ୍ଡ ସିଷ୍ଟମ୍ ଓ ଲାଉଡ୍?ସ୍ପିକର ବ୍ୟବହାର ପାଇଁ ଅନୁମତି ପ୍ରଦାନ କରାଯାଇଛି । ନଭେମ୍ବର ୨୪ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଲୋୟର ବାଲିଯାତ୍ରା। ପର୍ଡ଼ିଆରେ ଥିବା ଗଣକବି ବୈଷ୍ଣବ ପାଣି ମଞ୍ଚ ଏବଂ ଅକ୍ଷୟ ମହାନ୍ତି ମଞ୍ଚରେ ରାତି ୧୧ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ ଏବଂ ଲାଉଡ୍?ସ୍ପିକର ବ୍ୟବହାର କରାଯାଇପାରିବ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି । ନଭେମ୍ବର ୨୪ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଉପର ଓ ତଳ ବାଲିଯାତ୍ରା ପଡ଼ିଆରେ ଚଳିବାକୁ ଥିବା ଐତିହାସିକ ବାଲିଯାତ୍ରାରେ ଦେଶ-ବିଦେଶ, ବିଭିନ୍ନ ରାଜ୍ୟ ଓ ଜିଲ୍ଲାରୁ ସାଂସ୍କୃତିକ ଦଳ ଯୋଗଦେଇ ନିଜ ନିଜର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟ ପ୍ରଦର୍ଶନ କରିବେ। ଏସିଆର ବୃହତ୍ତମ ମୁକ୍ତାକାଶ ବାଣିଜ୍ୟ ମେଳା ଭାବେ ପରିଚିତ ଏହି ରାଜ୍ୟସ୍ତରୀୟ ମହୋତ୍ସବକୁ ପ୍ରତିଦିନ ଲକ୍ଷାଧିକ ଲୋକଙ୍କ ଆଗମନ ହୋଇଥାଏ। ଏହି ନିର୍ଦ୍ଦେଶର ସଠିକ୍ କାର୍ଯ୍ୟକାରିତା ଓ ତଦାରଖ ପାଇଁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କଟକଙ୍କୁ ନୋଡାଲ୍ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଓ ସାଂସ୍କୃତିକ ଉତ୍ସବର ସୁଚାରୁ ଆୟୋଜନ ଉଦ୍ଦେଶ୍ୟରେ ଏହି ଅନୁମତି ପ୍ରଦାନ କରାଯାଇଛି ।

ବାତ୍ୟା ଅକଭାନର ମୁକାବିଲା କଲେ ପିନେ ପାୱାରର କର୍ମଚାରୀ



ଗୋପ , ୨୦/୧୧ (ନି.ପ୍ର): ଗତ ଏକାବନ ଦିନ ଧରି ଟାଟା ପାୱାର ର ଠିକା କର୍ମଚାରୀଙ୍କ ଆମରଣ ଅନଶନ ଜାରି ରହିଥିବା ସମୟ ରେ ଓଡିଶାର ବଙ୍ଗୋପସାଗର ଉପକୂଳରେ ସୃଷ୍ଟି ହୋଇଥିବା ବାତ୍ୟା ଅକଭାନ ସମୟ ରେ କୋଣାର୍କ ଏବଂ ଗୋପ ଅଞ୍ଚଳ ରେ ତୁହାକୁ ତୁହା ପବନ ସାଙ୍ଗକୁ ବର୍ଷା ଜାରି ରହିଥିଲା । ଏହି ସମୟରେ ପ୍ରସାଶନ ର ନଜର ଥିଲା ଶକ୍ତି ବିଭାଗ ଉପରେ କିନ୍ତୁ ପି ନେ ପାୱାର ର ସମସ୍ତ କର୍ମଚାରୀ ଙ୍କ ସହିତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରାଉତଙ୍କ ଅବିରତ ଅକ୍ଲାନ୍ତ କାର୍ଯ୍ୟ ପାଇଁ କୋଣାର୍କ ଓ ଗୋପ ଅଞ୍ଚଳ ବାସି ବିଦ୍ୟୁତ ସେବା ବିନା କୌଣସି ବାଧା ବିଘ୍ନ ରେ ପାଇବା ରେ ସକ୍ଷମ ହୋଇଥିଲେ ।

ବାତ୍ୟା ମୁକାବିଲା ପାଇଁ କଂଗ୍ରେସ ପ୍ରତିନିଧି ଦଳଙ୍କ ସ୍ଥିତି ଅନୁଧ୍ୟାନ

କେନ୍ଦ୍ରାପଡ଼ା,୨୦।୧୧ (ନି.ପ୍ର) : ସମ୍ଭାବ୍ୟ ବାତ୍ୟା 'ଅକବାନ'ର ମୁକାବିଲା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଏଥିପାଇଁ ଏକ ସ୍ୱତନ୍ତ୍ର ବିପର୍ଯ୍ୟୟ ପରିଚାଳନା କମିଟି ଗଠନ ସହ ପିସିସି ମୁଖ୍ୟାଳୟ ସମେତ ୮ଟି ଜିଲ୍ଲାରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯାଇଛି । ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କ ସୁରକ୍ଷା ଓ ସହାୟତା ପାଇଁ ଜିଲ୍ଲାସ୍ତରରେ ସେବାଦଳ ଏବଂ ଛାତ୍ର କଂଗ୍ରେସର ସ୍ୱେଚ୍ଛାସେବୀ ଦଳକୁ ତୁରନ୍ତ ନିୟୋଜିତ କରିବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ନିର୍ଦ୍ଦେଶ ଦେଇଛନ୍ତି ।ସେହିପରି ପିସିସି ପଦାଧିକାରୀ ଓ ଜିଲ୍ଲା କମିଟି ସଦସ୍ୟମାନଙ୍କୁ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି । ବାତ୍ୟା ଓ ସମ୍ଭାବ୍ୟ ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଓ ରିଲିଫ୍ ସାମଗ୍ରୀ ଯୋଗାଇଦେବା ଉପରେ ପିସିସି ସଭାପତି ଗୁରୁତ୍ୱ ଦେଇଛନ୍ତି । ଦୁର୍ବିପାକ ସମୟରେ ଜନସାଧାରଣଙ୍କ ସହ ଛିଡ଼ା ହୋଇ ସେମାନଙ୍କ ବିପଦର ସାଥୀ ହେବାକୁ ଦଳୀୟ ନେତା ଓ କର୍ମୀଙ୍କୁ ସେ ଆହ୍ୱାନ ଦେଇଛନ୍ତି । ଅନ୍ୟପକ୍ଷରେ, ବାତ୍ୟା 'ଅକବାନ' ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ପିସିସି କୋଷାଧ୍ୟକ୍ଷ ଇଂ. ସିଦ୍ଧାର୍ଥ ସ୍ୱରୂପ ଦାସଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସର ଏକ ପ୍ରତିନିଧି ଦଳ ମହାକାଳପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରିଥିଲା । ପିସିସି ପିସିସି ଓବିସି ସେଲର ସମ୍ପାଦକ ବେଶୁଧର ସାହୁ, କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସମ୍ପାଦକ ପ୍ରମୋଦ ଚନ୍ଦ୍ର ସ୍ୱାଇଁ ଓ ମହାକାଳପଡ଼ା ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ଏକାଧିକ ପ୍ରତିନିଧି ଦଳ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସୁବିଧା, ଅସୁବିଧା ଓ ସରକାରୀ ସହାୟତା ସମ୍ପର୍କରେ ଜନସାଧାରଣ, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ବେଶୁଧର ସାହୁ ପ୍ରଶାସନର ବାତ୍ୟା ମୁକାବିଲା ପ୍ରସ୍ତୁତି ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ତାଙ୍କ ଅଭିଯୋଗ ଅନୁଯାୟୀ, ବିଭିନ୍ନ ଗ୍ରାମରେ ଶହ ଶହ ପରିବାର ବିପଦସଂକୁଳ ଅବସ୍ଥାରେ କଚ୍ଚାଘରେ ବସବାସ କରୁଥିବା ସତ୍ତ୍ୱେ ସେମାନଙ୍କ ସୁରକ୍ଷା ଓ ସ୍ଥାନାନ୍ତରଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇନାହିଁ । ସରକାରୀ ଅର୍ଥର ଅପବ୍ୟବହାର ଉଦ୍ଦେଶ୍ୟରେ ପ୍ରଶାସନିକ ସ୍ତରରେ ଅନିୟମିତତା କର

ଦିଶା ମନ୍ଥନ
dishamanthan.com
RNI No. ORIORI/20

ସେମିଳିଗୁଡ଼ାର ନୂତନ ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ

ଓକିଲ ସଙ୍ଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ



କୋରାପୁଟ,୨୦।୧୧: (ନିପ୍ର)- ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଅଦଳବଦଳ କ୍ରମେ, ଜଗଦୀଶ କର୍ତ୍ତାମି ସେମିଳିଗୁଡ଼ାର ତହସିଲଦାର ଭାବେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅଞ୍ଚଳରେ କର୍ତ୍ତାମାଙ୍କର ଏହା ତୃତୀୟ ନିଯୁକ୍ତି। କୋରାପୁଟ ଜିଲ୍ଲାର ତହସିଲର ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ତାଙ୍କର ପୂର୍ବ ଅଭିଜ୍ଞତା ବେଶ୍ ସହାୟକ ହେବ।ଓଡ଼ିଶାର ରାଜ୍ୟର ଖଣିଜ ସମ୍ପଦରେ ଭରପୂର କୋରାପୁଟ ଜିଲ୍ଲାରେ ଅବସ୍ଥିତ ସେମିଳିଗୁଡ଼ା ଏକ ପ୍ରମୁଖ ତଥା ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ରହିଛି । ନୂତନ ତହସିଲଦାର ଭାବେ, କର୍ତ୍ତାମା ତହସିଲ ସ୍ତରରେ ମୁଖ୍ୟ ରାଜସ୍ୱ ଅଧିକାରୀ ଭାବେ କାର୍ଯ୍ୟ କରିବେ ଏବଂ ସ୍ଥାନୀୟ ପ୍ରଶାସନ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ ଦାୟିତ୍ୱ ତୁଲାଇବା ର ଆଶା ।

କର୍ତ୍ତାମୀ ସରକାରୀ ଜମିର ରକ୍ଷକ ଭାବେ କାର୍ଯ୍ୟ କରିବେ ଏବଂ ଏହାକୁ ବେଆଇନ ଅକ୍ତିଆର ରୁ ସୁରକ୍ଷା ଦେବା ତାଙ୍କର ଦାୟିତ୍ୱ ହେବ। ତାଙ୍କ କାର୍ଯ୍ୟାଳୟ ଜମି ରେକର୍ଡ ରକ୍ଷଣାବେକ୍ଷଣ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିବ, ରାଜ୍ୟ ସରକାର ନିକଟରେ ଏହି କ୍ଷେତ୍ରରେ ତହସିଲଦାରମାନଙ୍କୁ ଅଧିକ କ୍ଷମତା ପ୍ରଦାନ କରିଛନ୍ତି। ବର୍ତ୍ତମାନ ତହସିଲଦାରମାନେ ସ୍ୱାଧୀନ ଭାବେ ଜମି ମ୍ୟୁଟେସନ୍ ମାମଲାଗୁଡ଼ିକର ତଦାରଖ କରିବା, ଦସ୍ତାବିଜ ଯାଞ୍ଚ କରିବା, ଜମି ରେକର୍ଡ ଅପଡେଟ୍ କରିବା ଏବଂ ପୁରୁଣା ବିକ୍ରୟ ଦଲିଲରେ ତ୍ରୁଟି ସଂଶୋଧନ ସମ୍ବନ୍ଧୀୟ ଆଦେଶ ଜାରି କରିବା ଓ ଏହା ବ୍ୟତୀତ, ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ଆଇନ ଶୃଙ୍ଖଳା ରକ୍ଷା କରିବା ଦିଗରେ ଦୃଷ୍ଟି ରଖିବାର ପ୍ରୟାସ କରିବେ ତୃତୀୟ ଥର ପାଇଁ ସେମିଳିଗୁଡ଼ା ତହସିଲରେ ଦାୟିତ୍ୱ ଗ୍ରହଣ, ଜନସାଧାରଣଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ଆଣିବେ ବୋଲି କହିଛନ୍ତି ! ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବା ସହିତ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ପ୍ରଶାସନ ଯୋଗାଇଦେବେ। ବିଶେଷକରି ଗରିବ, ଆଦିବାସୀ ଓ ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କ ରାଜସ୍ୱ ସମ୍ବନ୍ଧୀୟ ସମସ୍ୟାର ତ୍ୱରିତ ସମାଧାନ ହେବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି ।ତୃତୀୟ ଥର ପାଇଁ ସେମିଳିଗୁଡ଼ାରେ ତାଙ୍କର ପଦସ୍ଥାପନ କେବଳ ଏକ ପ୍ରଶାସନିକ ଦାୟିତ୍ୱ ନୁହେଁ, ବରଂ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବାର ଏକ ସୁଯୋଗ ବୋଲି ପ୍ରକାଶ କରିଥିଲେ ! ସେମିଳିଗୁଡା ଓକିଲ ସଙ୍ଘର ଯୋଗଦାନଙ୍କୁ ନେଇ ସମସ୍ତଙ୍କ ଉପସ୍ଥିତିରେ ଉପଢୌକନ ସହ ଫୁଲ ତୋଡା ଦେଇ ସ୍ୱାଗତ ଜଣାଇଥିଲେ ! ସ୍ୱାଗତ କରିବାସମୟରେ ସଭାପତିଙ୍କ ଆହ୍ୱାନକ୍ରମେ ଉପସ୍ଥିତ ଥିବା ସମସ୍ୟ ସୁରେନ୍ଦ୍ର ଖରା, ରମେଶ ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ମହାରଣା,ସୌଭାଗୀନି ପଡିଜା, ସୂର୍ଯ୍ୟ ନାରାୟଣ ପଣ୍ଡା,ଉପସଭାପତି ଜେ. ପ୍ରସାଦ, ରମେଶ ଚନ୍ଦ୍ର ସାହୁ, ସତ୍ୟ ପାଢୀ,ଅଶ୍ୱିନୀ କୁମାର ପଟ୍ଟନାୟକ, ସରୋଜ କୁମାର ପଣ୍ଡା , ଦେବଦାଶ ଖରା ପ୍ରମୁଖ ଉପସ୍ଥିତ ଥିଲେ ।

ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ରାଜଗାଙ୍ଗପୁର : ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଇଟଂ ବିଜୁ ରାଜ୍ୟ ରାଜପଥ କଡ଼ରେ ଥିବା ସ୍ଥାନୀୟ ନାଏବ ସରପଞ୍ଚ ପର୍ଶୁ ସାହୁ ଙ୍କ ମାଁ ସମଲେଶ୍ୱରୀ ସ ମ୍ବ ଲ ପୁ ର ୀ ବସ୍ତ୍ରାଳୟ ରେ ଆଜି ସକାଳୁ ଦୋକାନ ଘର ଭିତରୁ ଧୁଆଁ ବାହାରୁ ଥିବା ସ୍ଥାନୀୟ ବାସିନ୍ଦା ଓ ଦୋକାନୀ ଦୋକାନ ମାଲିକକୁ ସୁଚନା ଦେଇଥିଲେ। ଘଟଣା ସମ୍ପର୍କରେ ରାଜଗାଙ୍ଗପୁର, କୁତ୍ରା ଓ କାଂସବାହାଲ ଏଲ ଏଣ୍ଡ ଟି ଅଗ୍ନିଶମ ବିଭାଗ କୁ ଅବଗତ କରାଇବା ପରେ ଯଥାଶୀଘ୍ର ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ଦୋକାନ ସଟର ଭାଂଗି ଗଡ଼ି ରୁ ପାଣି ପାଇପ୍ ସାହାଯ୍ୟ ନିଆଁ ଆୟତ କରୁଥିବା ପରିଲକ୍ଷିତ ହୋଇଥିଲା। ଉକ୍ତ ଦୋକାନ ଘରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ର ବିଭିନ୍ନ ନାମିଦାମୀ ସମ୍ବଲପୁରୀ ଶାଢ଼ୀ ଓ କପଡ଼ା ଗଚ୍ଛିତ ଥିବା ଜଣାପଡ଼ିଛି। ନିଆଁ ଲାଗି ବାର କାରଣ ତଦନ୍ତ ପରେ ଜଣାପଡ଼ିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ରାଜଗାଙ୍ଗପୁର ପୋଲିସ ପହଞ୍ଚି ନିଆଁ ଲାଗି ବାର କାରଣ ତଦନ୍ତ କରୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଜନସାଧାରଣ ଓ ସମାଜସେବୀ ଯୁବକ ବିକ୍ରମ ଓ ଜିତୁ ଦାସ ଅଗ୍ନିଶମ ବିଭାଗ ଓ ପୋଲିସ୍ ପ୍ରଶାସନ କୁ ସାହାଯ୍ୟ କରୁଥିବା ପରିଲକ୍ଷିତ ହୋଇଥିଲା।



ଫୁଟବଲ ପଡ଼ିଆ ସଫେଇ

କୁଚିଣ୍ଡା,୨୦।୧୧(ନି.ପ୍ର.): ସ୍ୱଚ୍ଛ ପରିବେଶ ଓ ସୁସ୍ଥ ସମାଜ ଗଠନର ବାର୍ତ୍ତା ନେଇ କୁଚିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍) ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଶୀତକାଳୀନ ଶିବିରର ତୃତୀୟ ଦିବସରେ ମନ୍ତ୍ରୀମୁଣ୍ଡା ଫୁଟବଲ ପଡ଼ିଆରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା।ଏହି ଅଭିଯାନରେ ଏ ନ୍ ଏ ସ୍ ଏ ସ୍ ର ସ୍ୱେଚ୍ଛାସେବୀମାନେ ଉତ୍ସାହର ସହ ସାମିଲ ହୋଇ ଫୁଟବଲ ପଡ଼ିଆର ଚାରିପାଖ ସଫା କରିଥିଲେ। ଏଥିସହ ପଡ଼ିଆରେ ଥିବା ଅନାବନା ଘାସ, ଆବର୍ଜନା ଓ ଅନ୍ୟାନ୍ୟ ଅଳିଆ ଆବର୍ଜନା ସଫା କରି ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା।ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ସ୍ୱାଇଁ, ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଖୁସିଦାରା ବେଗମଙ୍କ ସମେତ କାହ୍ନୁଚରଣ ମୁନା, ଆଶିଷ କୁମାର ଦାସ ଓ ଚନ୍ଦନ ଖଣ୍ଡଗିରି ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ।ସ୍ୱଚ୍ଛ ପରିବେଶ ହିଁ ସୁସ୍ଥ ସମାଜର ପରିଚୟ। ସାମାଜିକ ସେବା ଓ ଜନସଚେତନତା ସୃଷ୍ଟି କରିବା ହେଉଛି ଜାତୀୟ ସେବା ଯୋଜନାର ମୂଳ ଉଦ୍ଦେଶ୍ୟ। ଏହି ସଫେଇ ଅଭିଯାନ ମାଧ୍ୟମରେ ସ୍ୱେଚ୍ଛାସେବୀମାନେ ସମାଜ ପ୍ରତି ନିଜର ଦାୟିତ୍ୱବୋଧର ଉଦାହରଣ ସୃଷ୍ଟି କରିଥିଲେ।



ଦୁର୍ନୀତିଖୋର ବଲାଙ୍ଗିର ବ୍ଲକ କର୍ତ୍ତୃପକ୍ଷଙ୍କୁ ଗିରଫ କର : କଂଗ୍ରେସ

ବଲାଙ୍ଗିର,୨୦।୧୧: ବଲାଙ୍ଗିର ପଥରଚେପା ଠାରେ ବଲାଙ୍ଗିର କଣ୍ଟାବାଞ୍ଜି ରାଜ୍ୟ ରାଜପଥରେ ସଦେଇପାଲି ପଂଚାୟତ ର ଜନସାଧାରଣ ଏବଂ ବଲାଙ୍ଗିର କଂଗ୍ରେସ ଦଳ ସମର୍ଥନରେ ଏକ ରାସ୍ତାରୋକ ଆନ୍ଦୋଳନ କରାଯାଇଥିଲା । ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବିଧାୟକ ଥିବା ବେଳେ ୧୪୧ ରୁ ଉର୍ଦ୍ଧ୍ୱ ଗରିବ ଭୂମିହୀନଙ୍କୁ ନରସିଂହ ନଗର ସଦାଇପାଲି ଠାରେ ଘରତିହ ଚିହ୍ନଟ କରି ଜମି ପ୍ରଦାନ କରାଇଥିଲେ । ଚିହ୍ନଟ ଜାଗାକୁ ରାସ୍ତା ନ ଥିବା ତତ୍କାଳିନ ବିଧାୟକ ଶ୍ରୀ ମିଶ୍ର ନିଜ ବିଧାୟକ ପାଣ୍ଠିରୁ ୫ଲକ୍ଷ ଟଙ୍କାର ଅନୁଦାନ ରାଶି ରାସ୍ତା ନିର୍ମାଣ ପାଇଁ ପ୍ରଦାନ କରିଥିଲେ । ସେହି କାମ ପାଇଁ ଫକିର ଥାଟି ନାମକ ଜଣେ ବ୍ୟକ୍ତିଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ ସତ୍ତ୍ୱେ ବ୍ଲକ କର୍ତ୍ତୃପକ୍ଷ ଚଂଚକତ କରି ଉକ୍ତ ଅନୁଦାନ ରାଶିକୁ ବାଟମାରଣା କରିଛନ୍ତି । ଏହାକୁ ନେଇ ଯେତେ ଅଭିଯୋଗ କଲେ ହେଁ ସେ ସବୁ ଅଭିଯୋଗ କୁ ଅଣଦେଖା କରିବାରୁ କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତି ପୋଲିସରେ ଗୋଷ୍ଠି ଉନ୍ନୟନ ଅଧିକାରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଥିଲେ କିନ୍ତୁ ଦୁର୍ଭାଗ୍ୟ ଯେ ତା ସତ୍ତ୍ୱେ ମଧ୍ୟ ପୋଲିସ କୌଣସି ଅନୁସନ୍ଧାନ ଆଜି ପର୍ଯ୍ୟନ୍ତ କରିନାହିଁ । ପୋଲିସ ଦ୍ୱାରା କ୍ଷେତ୍ର ପରିଦର୍ଶନ ତ ଦୂରର କଥା ଏପରି କି ଅଭିଯୋଗକାରୀଙ୍କ ପାଖକୁ ଯାଇ ମଧ୍ୟ ମାମଲା ଓ ଦୁର୍ନିତି ସମ୍ବନ୍ଧରେ ତଥ୍ୟ ସଂଗ୍ରହ ପାଇଁ ପୋଲିସ ଚେଷ୍ଟା ମଧ୍ୟ କରିନାହିଁ । ଓଲଟା ଦୁର୍ନିତିଗ୍ରସ୍ତ ବ୍ଲକ କର୍ତ୍ତୃପକ୍ଷ ତଥା ସେଠାକାର ନିର୍ବାଚିତ ରାଜନେତାଙ୍କୁ ସୁହାଇଲା ଭଳି ସମୟ ଗତି ଚାଲିଛି । ତେଣୁ ପୋଲିସ ଓ ପ୍ରଶାସନର ବାରମ୍ବାର ଅବହେଳା ଯୋଗୁଁ ଅଭିଯୋଗକାରୀ ଓ ନରସିଂହ ନଗର ଲୋକେ ଅତିଷ୍ଠ ହୋଇ ଆଜି ରାସ୍ତାରୋକ କରିବାକୁ ବାଧ ହୋଇଥିଲେ । ଦିର୍ଘ ୧ ଘଣ୍ଟା କାଳ ରାସ୍ତା ଅବରୋଧ ହେବାରୁ ଅତିରିକ୍ତ ତହସିଲଦାର ଆନ୍ଦୋଳନ ସ୍ଥଳକୁ ଯାଇ ଅଭିଯୋଗକାରୀଙ୍କ ଦାବି ଗୁଡିକୁ ଉପରିସ୍ତ ଅଧିକାରୀଙ୍କୁ ଜଣାଇ ତାର ସମାଧାନ ଦିଗରେ ପଦକ୍ଷେପ ନେବା ପ୍ରତିଶୃତି ଦେବା ପରେ ଆନ୍ଦୋଳନ ସ୍ଥଗିତ କରାଯାଇଥିଲା । ଏ ସଂପର୍କରେ ତତ୍କାଳିନ ବିଧାୟକ ନରସିଂହ ମିଶ୍ରଙ୍କୁ ଗଣମାଧ୍ୟମ ପଚାରିବାରୁ ସେ କହିଥିଲେ ବର୍ତ୍ତମାନ ଯେହେତୁ ଏଫ୍ଆଇଆର ରୁଜୁ ହୋଇସାରିଛି ଏବଂ ବର୍ତ୍ତମାନର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜଣେ ନିଷ୍ଠାବାନ ଏବଂ ଦକ୍ଷ ଅଫିସର ତେଣୁ ତାଙ୍କୁ ମୁଁ ପୁଣି ଅଭିଯୋଗ କର୍ତ୍ତାଙ୍କ ତରଫରୁ ଅନୁରୋଧ କରୁଛି ଏହି ମାମଲା ର ନିରପେକ୍ଷ ଅନୁସନ୍ଧାନ ସେ ନିଜେ କରନ୍ତୁ ଏବଂ ଘଟଣାକୁ ଯେହେତୁ ୨ ବର୍ଷ ରୁ ଅଧିକ ହେଇଗଲାଣି ତେଣୁ ଅନୁସନ୍ଧାନରେ ଶିଘ୍ରତା ଆଣି କମ ସମୟ ମଧ୍ୟରେ ଦୋଷୀଙ୍କୁ ଦଣ୍ଡ ଏବଂ ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ । ଆହୁରି ମଧ୍ୟ ଆନ୍ଦୋଳନକାରୀମାନେ ଆନ୍ଦୋଳନ ସ୍ଥଳକୁ ଆସିଥିବା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।



ଆଜିର ଏହି ଆନ୍ଦୋଳନରେ ସଦେଇପାଲି ପଂଚାୟତର ଫକୀର ମୋହନ ଥାଟି, ବାସୁଦେବ ମୁଗୀ, ଶ୍ରୀଧର ବାରିକ, ସଂକିର୍ତ୍ତନ ମେହେର, ଲକ୍ଷ୍ମୀ ନାଏକ, ବୁଲୁ ଦାନୀ, ମନୀଷ ମିଶ୍ର, ସାନନ୍ଦ ମିଶ୍ର, ହିମାଂଶୁ ନାଏକ, ଉପେନ ଦୀପ, ରାଜେଶ ହୋତା, ବିଦ୍ୟାଧର ସାହୁ, ସୁମନ ପଣ୍ଡା, ସୀତାରାମ କୁମ୍ଭାର, ଲୋପନ ମିଶ୍ର, କୈଳାସ ମିଶ୍ରଙ୍କ ସମେତ ସହସ୍ରାଧିକ ଜନସାଧାରଣ ଉପସ୍ଥିତ ଥିଲେ ।

ଆମ୍ବପାଳ ଓ ନତଡା ଗ୍ରାମକୁ ଏମସିଏଲ ଅଧିଗ୍ରହଣ କରିବାକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଅନୁଗୋଳ,୨୦।୧୧ : ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ର ଆମ୍ବପାଳ, ନତଡା ଗ୍ରାମକୁ ଗଉଖ ଦ୍ୱାରା ସମ୍ପୂର୍ଣ ଅଧିଗ୍ରହଣ କରି ନିଯୁକ୍ତି ଓ ଥଇଥାନ ନିମନ୍ତେ ଛେଣ୍ଡିପଦା ର ମାନ୍ୟବର ବିଧାୟକ ଅଗସ୍ତି ବେହେରା ଙ୍କ ନେତୃତ୍ୱ ରେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ଜିଲ୍ଲାପାଳ ଙ୍କ ଅନୁପସ୍ଥିତ ରେ ଅତିରିକ୍ତ ଜିଲ୍ଲାପାଳ ଉଦୟ ଶଙ୍କର ମହାପାତ୍ର ଙ୍କୁ ଦାବିପତ୍ର ପ୍ରଦାନ କଲୁ । ବିଜୟ ମାଝୀ, କୁମର ମାଝୀ, ବାଳକୃଷ୍ଣ ସାହୁ, ରାମ ବାରିକ, ଗିରିଶ ବିଶ୍ୱାଳ, ଶ୍ରୀକାନ୍ତ ସାହୁ, ଧର୍ମାନନ୍ଦ ମାଝୀ, ବାବୁଲି ମାଝୀ,ବସନ୍ତ ପ୍ରଧାନ, ସୁଶାନ୍ତ ପ୍ରଧାନ, ସୁନୀଲ ସାହୁ କ୍ଷୀରୋଦ ନାୟକ, ପୂର୍ଣଚନ୍ଦ୍ର ମାଝୀ, ରଞ୍ଜନ ସାହୁ ଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।



ଅଲ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍ ବଲାଙ୍ଗିର ଜିଲ୍ଲା ଶାଖା ପକ୍ଷରୁ ୪ ଦଫା ଦାବିପତ୍ର ପ୍ରଦାନ

ବଲାଙ୍ଗିର,୨୦/୧୧: ଅଲ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍ ବଲାଙ୍ଗିର ଜିଲ୍ଲା ଶାଖା ପକ୍ଷରୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୪ ଦଫା ଦାବିପତ୍ର ବଲାଙ୍ଗିର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପବିତ୍ର ମୋହନ ବେହେରାଙ୍କୁ ପ୍ରଦାନ କରାଯାଇଥିଲା ।ଦାବିଗୁଡ଼ିକ ମଧ୍ୟରେ ସର୍ବନିମ୍ନ ମାସିକ ପେନ୍‌ସନ୍ ୯,୦୦୦ ଟଙ୍କାକୁ ବୃଦ୍ଧି ଏବଂ ପେନ୍‌ସନ୍ ସହିତ ମହଙ୍ଗା ଭତ୍ତା ପ୍ରଦାନ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍‌ସନ୍ ଦେବା ଏବଂ ସମସ୍ତ ଇପିଏଫ୍ ପେନ୍‌ସନ୍ ଭୋଗୀ ବରିଷ୍ଠ ନାଗରିକଙ୍କୁ ମାଗଣା ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା ଆଦି ଦାବି ଅନ୍ତର୍ଭୁକ୍ତ ଅଟେ ପୂର୍ବରୁ ମଧ୍ୟ ବାରମ୍ବାର ଉକ୍ତ ଦାବିପତ୍ର ସଂଘ ତରଫରୁ ଦିଆଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନଥିବାରୁ ସଂଘ ତରଫରୁ କ୍ଷୋଭ ପ୍ରକାଶ କରାଗଲା ।

ଉକ୍ତ ଦାବିପତ୍ର ଦେବା ସମୟରେ ବଲାଙ୍ଗିର ଜିଲ୍ଲା ସଂଘର ସଭାପତି ଶ୍ରୀ ବିଶ୍ୱ ପ୍ରକାଶ ମିଶ୍ର, ଉପସଭାପତି ଶ୍ରୀ ଅଭୟ ପ୍ରସାଦ ମିଶ୍ର, କୋଷାଧକ୍ଷ ଶ୍ରୀ ମହେଶ୍ୱର ମେହେର,



ସଭ୍ୟ ଶ୍ରୀ ରାଧେଶ୍ୟାମ ମେହେର ,ଶ୍ରୀ ଉମେଶ ଚନ୍ଦ୍ର ପଣ୍ଡା, ଶ୍ରୀ ଅନ୍ତର୍ଯ୍ୟାମୀ ତ୍ରିପାଠୀ ଓ ଶ୍ରୀ ବନମାଳୀ ପଣ୍ଡା ଆଦି ସଦସ୍ୟମାନେ ଉପସ୍ଥିତ ଥିଲେ।

କେବେ ୬୨ ହଜାର ପରିବାରଙ୍କୁ ଜୀବିକା ମିଳିବ

କନ୍ଧମାଳ,୨୦/୧୧: : କନ୍ଧମାଳ ଜିଲ୍ଲାର ଟିକାବାଲି ମାଳ ବାଣିଜ୍ୟ କେନ୍ଦ୍ର (ଏମ୍ସିଏସ୍) ରେ ହଳଦୀ ଗ୍ରାଇଣ୍ଡିଙ୍ଗ ୟୁନିଟ୍ ସ୍ଥାପନ ନେଇ ବିଳମ୍ବ ନେଇ ଚିନ୍ତା ବଢ଼ିଛି। ପ୍ରାୟ ୨ କୋଟି ଟଙ୍କା ଥିଲେ ମଧ୍ୟ ପ୍ରକଳ୍ପ ଆଗକୁ ବଢୁନାହିଁ। କନ୍ଧମାଳ ଜିଲ୍ଲା ଶିଳ୍ପ ମାନଚିତ୍ରରେ ପଛୁଆ ଥିବା ବେଳେ ଏଠାରେ ଦୁଇଟି ମୁଖ୍ୟ ମାଳ ବାଣିଜ୍ୟ କେନ୍ଦ୍ର—ଟିକାବାଲି ଏମ୍ସିଏସ୍ ଓ ରାଇକିଆ ଆରଏମ୍ସିଏସ୍—ପୂର୍ବରୁ ପ୍ରାୟ ୬୨ ହଜାର ବିପିଏଲ ପରିବାରଙ୍କ ଜୀବିକାର ମୂଳ ଆଧାର ଥିଲା।ସେତେବେଳେ ଝୁଣା, ମହୁ, ଲାଖ, ସାଳ ମଞ୍ଜି, ଶିଆଳି ଖଲି, ହଳଦୀ ଓ ଅଦା ଭଳି ଲଘୁ ବନଜାତ ଦ୍ରବ୍ୟ ସୁଲଭ ଦରରେ କ୍ରୟ କରାଯାଉଥିଲା। ଏହା ଛୋଟ ଚାଷୀ ଓ ସଂଗ୍ରାହକମାନଙ୍କୁ ଅସାଧୁ ବ୍ୟବସାୟୀଙ୍କ ଶୋଷଣରୁ ସୁରକ୍ଷା ଦେଇଥିଲା ଓ ସ୍ଥିର ଆୟ ନିଶ୍ଚିତ କରୁଥିଲା। ୧୯୭୨ ମସିହାରେ ବ୍ୟବସାୟ ୧ କୋଟି ଟଙ୍କାକୁ ପହଞ୍ଚିଥିଲା ଓ ଭୁବନେଶ୍ୱର, ବମ୍ବେ ଓ ବ୍ରହ୍ମପୁରରେ ସଂସ୍ଥା ପ୍ରତିଷ୍ଠା ହୋଇଥିଲା। ତତ୍କାଳୀନ ମନ୍ତ୍ରୀ ନାଗାର୍ଜୁନ ପ୍ରଧାନଙ୍କ ସମୟରେ ସମିତି ଭଲ ଭାବରେ ଚାଲୁଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପରିଚାଳନାର ଅବ୍ୟବସ୍ଥା ଓ ପ୍ରଶାସନିକ ଅସଫଳତାରେ ପରିସ୍ଥିତି ଅବନତି ହେଲା। ଏହାର ପରିଣାମରେ ପୁଣି ଅସାଧୁ ବ୍ୟବସାୟୀମାନଙ୍କର ଶୋଷଣ ବଢ଼ିଲା ଓ ଲୋକେ କମ୍ ଦରରେ ଜିନିଷ ବିକ୍ରି କରି କ୍ଷତିରେ ପଡ଼ିଲେ। ଧୀରେ ଧୀରେ ସମସ୍ତ ପ୍ରତିଷ୍ଠାନ ବନ୍ଦ ହୋଇଗଲା, ଯାନବାହନ ଶାଗ-ମାଛ ଦରରେ ବିକ୍ରି ହେଲା, କର୍ମଚାରୀମାନେ ଦରମା ପାଇନଥିଲେ। ଗତ ୧୫ ବର୍ଷ ଧରି ପ୍ରାୟ ୯୫ ପ୍ରତିଶତ ବ୍ୟବସାୟ ଠପ୍ ଅବସ୍ଥାରେ ରହିଛି। ଏହି ପରିସ୍ଥିତିରେ ପୂର୍ବତନ ସାଂସଦ ଓ ଜାତୀୟ ଏସ୍ସି କମିଶନ ସଦସ୍ୟ ମୃତ୍ୟୁଞ୍ଜୟ ନାୟକଙ୍କ ପ୍ରୟାସରେ ନାବାର୍ଡ ଠାରୁ ୧ କୋଟି ଟଙ୍କା ସହାୟତା ମିଳିଥିଲା। ବ୍ୟାଙ୍କ ସୁଧ ସହିତ ଏହା ବର୍ତ୍ତମାନ ୨ କୋଟି ଟଙ୍କାରେ ପହଞ୍ଚିଛି, କିନ୍ତୁ ଏହି ପାଣ୍ଠି ଏପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରୁନାହିଁ। ପ୍ରସ୍ତାବିତ ଓ ପ୍ରଶାସନିକ ଭାବେ ଅନୁମୋଦିତ ହଳଦୀ ଗ୍ରାଇଣ୍ଡିଙ୍ଗ ୟୁନିଟ୍ ପାଇଁ ଏକ ବର୍ଷ ହେଲା ମେସିନ୍ କ୍ରୟ ହୋଇନଥିବାରୁ ପ୍ରଶାସନର କାର୍ଯ୍ୟକ୍ଷମତା ଉପରେ ପ୍ରଶ୍ନ ଉଠିଛି। ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସେ ଏହାକୁ ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

ରାଜଗାଙ୍ଗପୁର ସହର ରେ ଜନଜାତିୟ ଗୌରବ ଦିବସ ପାଳିତ।

ରାଜଗାଙ୍ଗପୁର,୨୦।୧୧: ରାଜଗାଙ୍ଗପୁର ଓ ଆଖପାଖ ଅଞ୍ଚଳ ରେ ମହାନ ଆଦିବାସୀ ନେତା ଧରତୀ ଆବା ଭଗବାନ ବୀର ବୀରସା ମୁଣ୍ଡା ଙ